ଆଜି - ବୁଧବାର
ତାରିଖ - ୧୭ ଜୁନ୍ ୨୦୨୬
ମାସ - ମିଥୁନ୍, ଦିନ - ୦୩
ତିଥି - ତୃତୀୟା, ପକ୍ଷ- କୃଷ୍ଣ
ନକ୍ଷତ୍ର - ପୁନର୍ବସୁ, ମିଥୁନ୍ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୧: ୦୦
ସୂର୍ଯ୍ୟାସ୍ତ - ୬ : ୨୩: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ସଂକଟ ଓ ଅଚଳାବସ୍ଥା ମଧ୍ୟ କିଛି ଶିକ୍ଷା ଦେଇଥାଏ, ଆଉ ତାହା ହେଉଛି– ସେଗୁଡ଼ିକ ଆମକୁ ଚିନ୍ତା କରିବାକୁ ବାଧ୍ୟ କରିଥାନ୍ତି ।"

- ଜବାହାରଲାଲ୍ ନେହରୁ


E-News : www.Ajikali epaper.com

Vol.- 41 ISSUE- 64 R.N.I. REGD. No. 44026/86 ବାଲେଶ୍ୱର ୧୭ ଜୁନ୍ ୨୦୨୬ ବୁଧବାର BALASORE 17 JUNE 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଆସନ୍ତା ୨୦ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

### ସରକାରଙ୍କ ୨ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗ ଦେବେ

ଭୁବନେଶ୍ୱର : ଜୁନ୍ ୨୦ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ରାଜ୍ୟରେ ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ମୋଦି ଓଡ଼ିଶା ଆସୁଛନ୍ତି । ସେ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ସେଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେବେ । ଏହାପରେ



ହେଲିକପ୍ଟର ଯୋଗେ ପଶ୍ଚିମବଙ୍ଗ ଫେରିଯିବେ । ସୂଚନାନୁଯାୟୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ୍ ୨୦ରେ ଓଡ଼ିଶା ଗସ୍ତରେ ଆସୁଛନ୍ତି । ରାଜ୍ୟରେ ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ସଫଳତା ଉତ୍ସବରେ ସାମିଲ ହେବେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସୂଚୀ ପ୍ରକାଶ ପାଇଛି । ୨୦ ତାରିଖ ପୂର୍ବାହ୍ନ ୧୧ଟା ୫ରେ ମୋଦି ମୟୂରଭଞ୍ଜର ପାହାଡ଼ପୁର ହେଲିପ୍ୟାଡରେ ଅବତରଣ କରିବେ । ୧୧ଟା ୧୫ ରୁ ମଧ୍ୟାହ୍ନ ୧୨ଟା ୧୫ ମଧ୍ୟରେ ପ୍ରଧାନମନ୍ତ୍ରୀ ସଡ଼କ ପଥରେ ଯାଇ ସେଠାରେ ଦେଶର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ପରିବାର ଓ ଗାଁ ଲୋକଙ୍କ ସହ ଚର୍ଚ୍ଚା ଆଲୋଚନା କରିବା ସହ ପାହାଡ଼ପୁର ସ୍ଥିତ 'ଗୋସାଣୀ ପୀଠ' ପରିଦର୍ଶନ କରିବା ସହ ପାହାଡ଼ପୁରରେ ପ୍ରାୟ ଏକ ଘଂଟା ସମୟ ବିତାଇବେ । ମଧ୍ୟାହ୍ନ ୧୨ଟା ୪୫ରେ ପାହାଡ଼ପୁର ସ୍କୁଲରୁ ବାହାରି ହେଲିକପ୍ଟର ଯୋଗେ ମୟୂରଭଞ୍ଜର 'ଦାଣ୍ଡବୋଷ ହେଲିପ୍ୟାଡ'ରେ ପହଂଚିବେ । ଅପରାହ୍ନ ୧ଟା ରୁ ୨ଟା ମଧ୍ୟରେ ଦାଣ୍ଡବୋଷ ସ୍ଥିତ ଐକ ଜନସଭାକୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମରେ ଯୋଗ ଦେବେ । ଅପରାହ୍ନ ୨ଟା ୧୫ରେ ଦାଣ୍ଡବୋଷ ହେଲିପ୍ୟାଡରୁ ହେଲିକପ୍ଟର ଯୋଗେ ପଶ୍ଚିମବଙ୍ଗ ଅଭିମୁଖେ ଯାତ୍ରା କରିବେ ।

## ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାର ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ରାଜ୍ୟ ସରକାରଙ୍କ ସଫଳ ୨ ବର୍ଷ ଏବଂ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଜୁନ୍ ୧୯ ଓ ୨୦ ତାରିଖରେ ଓଡ଼ିଶା ଆସୁଛନ୍ତି ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ । ଏହି ହାଇପ୍ରୋଫାଇଲ୍ ଗସ୍ତକୁ ସୁଚାରୁରୂପେ ପରିଚାଳନା କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି । ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟର ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଏବଂ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ବ୍ଲୁ-ପ୍ରିଂଟ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ବିଶେଷ କରି ମେଗା ସାଧାରଣ ସଭା ଏବଂ ଭିଭିଆଇପିମାନଙ୍କ ଗମନାଗମନ ସମୟରେ ଯେପରି କୌଣସି ତ୍ରୁଟି ନରହେ, ସେଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗକୁ ପରସ୍ପର ମଧ୍ୟରେ



ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ଅନୁଯାୟୀ, ଆସନ୍ତା ଜୁନ୍ ୧୯ ତାରିଖରେ ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଗସ୍ତରେ ନିଜ ଜିଲ୍ଲା ମୟୂରଭଞ୍ଜରେ ପହଂଚିବେ । ଏହି ଗସ୍ତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଭାବପୂର୍ଣ୍ଣ ଦିଗ ହେଉଛି ଆସନ୍ତା ଜୁନ୍ ୨୦ ତାରିଖରେ ରାଷ୍ଟ୍ରପତିଙ୍କ ଶୁଭ ଜନ୍ମଦିନ । ନିଜ ଜନ୍ମଦିନ ଅବସରରେ ମାନ୍ୟବର ରାଷ୍ଟ୍ରପତି ନିଜ ଜନ୍ମଭୂମି ଏବଂ ପ୍ରଥମ କର୍ମଭୂମି ରାଇରଙ୍ଗପୁରରେ ଉପସ୍ଥିତ ରହିବେ, ଯାହା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଆନନ୍ଦର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଜନ୍ମମାଟିରେ ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ବୈଠକରୁ ସୂଚନା ମିଳିଛି । ଏହି କ୍ରମରେ ଜୁନ୍ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ରାଇରଙ୍ଗପୁରରେ ପହଂଚି ରାଷ୍ଟ୍ରପତିଙ୍କ ସହ ଏହି ଐତିହାସିକ ରାଜ୍ୟ ସ୍ତରୀୟ ମେଗା ଉତ୍ସବରେ ସାମିଲ ହେବେ । ଓଡ଼ିଶା ମାଟିରେ ଦୁଇ ଶୀର୍ଷ ନେତା ଏକାଠି ମଂଚ ଆଲୋକିତ କରିବା ସହ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଆୟୋଜିତ ଏକ ବିଶାଳ ସାଧାରଣ ସଭାକୁ ସମ୍ବୋଧିତ କରିବେ । ଏହି ମିଳିତ ଗସ୍ତ ରାଜ୍ୟର ବିକାଶର ଗତିକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୈଠକରେ ଆଶା ବ୍ୟକ୍ତ କରିଛନ୍ତି । ରାଜ୍ୟବାସୀଙ୍କ ପାଇଁ ସବୁଠାରୁ ବଡ଼ ଖୁସିର ଖବର ହେଉଛି, ଏହି ଗସ୍ତ କେବଳ ଏକ ଉତ୍ସବରେ ସୀମିତ ନରହି ଓଡ଼ିଶାର ପ୍ରଗତି ପାଇଁ ଏକ ବଡ଼ ମାଇଲଖୁଂଟ ସାବ୍ୟସ୍ତ ହେବ । ଏହି ମଂଚରୁ ଉଭୟ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ମିଳିତ ଭାବେ ଓଡ଼ିଶା ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ହଜାର ହଜାର କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏଥିମଧ୍ୟରେ ବହୁ ପ୍ରତୀକ୍ଷିତ ରେଳବାଇ ପ୍ରକଳ୍ପ, ମେଗା କୋଲ୍ ଗ୍ୟାସିଫିକେସନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହେବା ନେଇ ବୈଠକର ଆଲୋଚନାରୁ ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ୧୯ ତାରିଖ ଦିନ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଠାରେ ସ୍ୱାସ୍ଥ୍ୟ ବିଭାଗୀୟ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଉଦଘାଟନ କରିବେ । ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଶ୍ରୀ ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଓ୍ୱାଇବି ଖୁରାନିଆ, ଉନ୍ନୟନ କମିଶନର ଶ୍ରୀ ଡିକେ ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ଗୃହ ବିଭାଗ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଗୁଇନ୍ଦା ଡିଜି ଶ୍ରୀ ବିନୟତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଅଳ୍ପରେ ଖବର

- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁରେଶ ପ୍ରଭୁ ସାକ୍ଷାତ ଆଲୋଚନା କରିଛନ୍ତି । ମଙ୍ଗଳବାର ଦିନ ଲୋକସେବା ଭବନ ଠାରେ ସୁରେଶ ପ୍ରଭୁ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ।
- ଆସନ୍ତା ଜୁନ ୨୧ ତାରିଖରେ ନିଟ୍ ୟୁଜି -୨୦୨୬ ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି ।
- ଭତା ଟଙ୍କା ନପାଇ ଚିନ୍ତାରେ ଥିବା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଖୁବ୍ ଶୀଘ୍ର ଭତା ଟଙ୍କା ଯିବ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି ।
- ଆମେରିକାର କାଲିଫର୍ଣ୍ଣିଆରେ ସୋମବାର ଦିନ ବିମାନ ଉଡ଼ାଣର କିଛି ସମୟ ପରେ ଏକ ବାୟୁସେନା ବି-୫୨ ବମ୍ବର ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ହୋଇଥିଲା ।

## ଅଦ୍ୱିକା ବାର୍ତ୍ତାର ଶୁଭାରମ୍ଭ କଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର : ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଦିନ 'ଅଦ୍ୱିକା ବାର୍ତ୍ତା' ମାଧ୍ୟମରେ ରାଜ୍ୟର କିଶୋର-କିଶୋରୀମାନଙ୍କ ସହ ଏକ ଅଭିନବ ରାଜ୍ୟସ୍ତରୀୟ ଆଲୋଚନାରେ ସାମିଲ ହୋଇଛନ୍ତି । ଶାସନ ଏବଂ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଯୁବପିଢ଼ିଙ୍କ ଅଂଶଗ୍ରହଣକୁ ସଦୃଢ଼ କରିବା ପାଇଁ ଏହି ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି । ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନ (OSCPCR) ଏବଂ ୟୁନିସେଫ୍ (UNICEF) ର ମିଳିତ ସହଯୋଗରେ 'ଏ ଡେ ଫର ଚିଲଡ୍ରେନ୍' (A Day for Children) କାର୍ଯ୍ୟକ୍ରମର ଏକ ଅଂଶ ଭାବେ ଏହି ଆଲୋଚନା ଆୟୋଜିତ ହୋଇଥିଲା । ରଜ ପର୍ବ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ 'ଅଦ୍ୱିକା' ଗ୍ରୁପ୍ ସହ ଜଡ଼ିତ କିଶୋର ଓ କିଶୋରୀମାନେ ଏକାଠି




ହୋଇଥିଲେ । କିଛି କିଶୋର-କିଶୋରୀ ଭୁବନେଶ୍ୱର ସ୍ଥିତ କନଭେନସନ ସେଂଟରରେ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ଏଥିରେ ଭାଗ ନେଇଥିବା ବେଳେ, ସମସ୍ତ ୩୦ଟି ଜିଲ୍ଲାର ପ୍ରତିନିଧିମାନେ ଜିଲ୍ଲା ଅଧିକାରୀ ଓ ପ୍ରଶାସକମାନଙ୍କ ଉପସ୍ଥିତିରେ ଆଭାସୀ ମାଧ୍ୟମରେ ଏଥିରେ ଯୋଡ଼ି ହୋଇଥିଲେ । ଏହି ଦୁଇ ଘଂଟିଆ ଆଲୋଚନା ଚକ୍ରରେ କିଶୋର-କିଶୋରୀମାନେ ଶିକ୍ଷା, ସୁରକ୍ଷା, ଲିଙ୍ଗଗତ ସମାନତା, ଶିଶୁ ଅଧିକାର, ନେତୃତ୍ୱ ନେବାର ସୁଯୋଗ, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ଏବଂ ସେମାନଙ୍କ ଭବିଷ୍ୟତର ଆକାଂକ୍ଷା ସମ୍ପର୍କିତ ବିଭିନ୍ନ ବିଷୟରେ ମାନ୍ୟବର ମନ୍ତ୍ରୀଙ୍କୁ ସିଧା ସଳଖ ପ୍ରଶ୍ନ ପଚାରିବା ସହ ନିଜର ଅନୁଭୂତି ବାଂଟିଥିଲେ । ଏଥିସହିତ ରାଜ୍ୟରେ ଯୁବପିଢ଼ିଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଏବଂ ସେବାଗୁଡ଼ିକୁ ଅଧିକ ମଜବୁତ କରିବା ପାଇଁ ସେମାନେ ନିଜ ନିଜର ମତାମତ ଓ ପରାମର୍ଶ ମଧ୍ୟ ଉପସ୍ଥାପନ କରିଥିଲେ । ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ମାନ୍ୟବର ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କିଶୋର-କିଶୋରୀଙ୍କ ଜୀବନକୁ ପ୍ରଭାବିତ କରୁଥିବା ନିଷ୍ପତ୍ତିଗୁଡ଼ିକରେ ସେମାନଙ୍କର ମୂଲ୍ୟବାନ ମତାମତକୁ ସାମିଲ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ଦୋହରାଇଥିଲେ । ସେ ଯୁବପିଢ଼ିଙ୍କୁ ସାମଗ୍ରିକ ବିକାଶ ଏବଂ ନେତୃତ୍ୱ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବା ସହ ଆଗାମୀ ଦିନର ନୀତି ନିର୍ଦ୍ଧାରଣ ଆଲୋଚନାରେ ସେମାନଙ୍କର ସମସ୍ୟା ଓ ସୁପାରିଶଗୁଡ଼ିକୁ ବିଚାରକୁ ନିଆଯିବ ବୋଲି ଆଶ୍ୱାସନା ଦେଇଥିଲେ ।

## ଜିଲ୍ଲାପାଳମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କଲେ ମୁଖ୍ୟ ଶାସନ ସଚିବ

### ନିଟ୍ -୨୦୨୬ ପୁନଃ ପରୀକ୍ଷା ଶୃଙ୍ଖଳିତ ଭାବେ ଆୟୋଜନ ନେଇ ନିର୍ଦ୍ଦେଶ

ଭୁବନେଶ୍ୱର : ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳମାନଙ୍କ ସହିତ ଏକ ବୈଠକ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ



ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓ ରଂଜନ କୁମାର ସିଂ, ଗୃହ, ଶିକ୍ଷ, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବମାନେ ଯୋଗ ଦେଇଥିଲେ । ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିବା ବେଳେ ଜଗତସିଂହପୁର, କଟକ, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, କେନ୍ଦ୍ରାପଡ଼ା ଆଦି ଜିଲ୍ଲାର ଜିଲ୍ଲାପାଳମାନେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିଲେ । ବୈଠକରେ ଆଗାମୀ ଜୁନ୍ ୨୧ ରେ ନିଟ୍ -୨୦୨୬ ପୁନଃ ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା କରାଯାଇଥିଲା । ପରୀକ୍ଷା ପରିଚାଳନା ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ସମସ୍ତ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ । ଏ ସମ୍ପର୍କରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିସ୍ତୃତ ଆଲୋଚନା କରିଥିଲେ ।

## ସ୍ଥିତି ଦେଖି ସ୍କୁଲ ଛୁଟି ବଢ଼ାଇପାରିବେ ଜିଲ୍ଲାପାଳ : ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ଭୁବନେଶ୍ୱର: ଆସନ୍ତା ୧୮ ତାରିଖରେ ରାଜ୍ୟର ସମସ୍ତ ସ୍କୁଲ ଖୋଲିବାକୁ ଯାଉଛି । ଦୀର୍ଘ ଦିନର ଗ୍ରୀଷ୍ମାବକାଶ ଶେଷ ହେବାକୁ ବସିଥିବା ବେଳେ ଏବେ ବି ଅନେକ ସ୍ଥାନରେ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି । ଏଭଳି ସ୍ଥିତିରେ ସ୍କୁଲ ଛୁଟି ବଢ଼ିବ କି ନାହିଁ ତାହାକୁ ନେଇ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଆଶଙ୍କା ଲାଗି ରହିଥିଲା । ଏହି ପ୍ରସଙ୍ଗରେ ଏବେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଛୁଟି ବଢ଼ାଇବା ନେଇ ସ୍ଥାନୀୟ ଜିଲ୍ଲାପାଳମାନଙ୍କୁ ସମ୍ପୂର୍ଣ୍ଣ କ୍ଷମତା ଦିଆଯାଇଛି । ସମ୍ପୃକ୍ତ ଅଂଚଳର ପାଣିପାଗ ଏବଂ ଗ୍ରୀଷ୍ମ ପ୍ରବାହର ସ୍ଥିତିକୁ ଅନୁଧ୍ୟାନ କରି ଜିଲ୍ଲାପାଳମାନେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ । ଯଦି କୌଣସି ଜିଲ୍ଲାରେ ତାପମାତ୍ରା ଅଧିକ ରହେ ଏବଂ ଅସହ୍ୟ ଗୁଳୁଗୁଳି ଲାଗି ରହେ ତେବେ ସେଠାରେ ସ୍କୁଲ ଛୁଟି ଅବଧିକୁ ଆହୁରି ବୃଦ୍ଧି



କରାଯାଇପାରିବ ବୋଲି ସେ କହିଛନ୍ତି । ସ୍ଥାନୀୟ ପ୍ରଶାସନ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି । ରାଜ୍ୟ ସରକାର ପିଲାଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି । ପ୍ରବଳ ଖରାରେ ସ୍କୁଲ ଗଲେ କୋମଳମତି ପିଲାମାନେ ଅଂଶୁଘାତ କିମ୍ବା ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟାର ଶିକାର ହେବାର ବଡ଼ ଆଶଙ୍କା ରହିଛି । ଅନ୍ୟପଟେ ଛୁଟି ବଢ଼ିଲେ ପିଲାଙ୍କ ପାଠପଢ଼ା ଯେପରି କୌଣସି ପ୍ରକାରେ ବାଧାପ୍ରାପ୍ତ ନହୁଏ ସେଥିପ୍ରତି ମଧ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି । ଆଗାମୀ ଦିନରେ ପାଣିପାଗ ବିଭାଗର ଆକଳନକୁ ଭିତି କରି ବିଭିନ୍ନ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍କୁଲ ଛୁଟି ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବାର ସମ୍ଭାବନା ରହିଛି ।

## ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ସମୀକ୍ଷା କଲେ ଉପ ନିର୍ବାଚନ ଆୟୁକ୍ତ ଜ୍ଞାନେଶ ଭାରତୀ

ଭୁବନେଶ୍ୱର : ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାରତର ବରିଷ୍ଠ ଉପ ନିର୍ବାଚନ ଆୟୁକ୍ତ ଶ୍ରୀ ଜ୍ଞାନେଶ ଭାରତୀ ଏହି ବୈଠକରେ ସମସ୍ତ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଛନ୍ତି ।



ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରାକ-ଏସ.ଆଇ.ଆର ସମୟରେ ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୩ କୋଟି ୩୩ ଲକ୍ଷ ଥିବାବେଳେ, ସେମାନଙ୍କ ମଧ୍ୟରୁ ୩.୧୬ କୋଟି (୯୪.୬%) ଭୋଟରଙ୍କ ମ୍ୟାପିଂ ସଫଳତାର ସହ ଶେଷ ହୋଇଥିଲା୧ । ମାତ୍ର ୫.୩୪ ପ୍ରତିଶତଭୋଟରଙ୍କ ଅନ-ମ୍ୟାପିଂ ରହିଛି । ଏବେ ସୁଦ୍ଧା ଅର୍ଥାତ ଜୁନ ୧୬(ମଙ୍ଗଳବାର) ସୁଦ୍ଧା ୯୯.୨୦ପ୍ରତିଶତ ପରିଗଣନା ଫର୍ମ ବଂଟନ ହୋଇଥିବା ବେଳେ ସେଥି ମଧ୍ୟରୁ ୪୬.୪୪ ପ୍ରତିଶତ ଭୋଟରଙ୍କର ଡିଜିଟାଇଜେସନ ହୋଇଛି । ପରିଗଣନା ଫର୍ମ ବଂଟନ ଓ ଡିଜିଟାଇଜେସନ ପ୍ରକ୍ରିୟାରେ ସୁନ୍ଦରଗଡ଼ ଜିଲ୍ଲା ସାରା ରାଜ୍ୟରେ ଶୀର୍ଷରେ ରହି ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି । ବରିଷ୍ଠ ଉପ ନିର୍ବାଚନ ଆୟୁକ୍ତ ୯ଟି ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କ ସହ ସେମାନଙ୍କ ଜିଲ୍ଲାର ସ୍ଥିତି ବାବଦରେ ପୃଥକ ପୃଥକ ଭାବେ ଆଲୋଚନା କରିଥିଲେ । ଆଜି ସୁଦ୍ଧା କେତେ ପରିଗଣନା ଫର୍ମ ବଂଟନ କରାଯାଇଛି, ସେଥିରୁ କେତେ ପ୍ରତିଶତ ଡିଜିଟାଇଜେସନ ଶେଷ ହୋଇଛି ଏବଂ କେଉଁ ସବୁ ସମସ୍ୟା ଯୋଗୁଁ ପ୍ରକ୍ରିୟାରେ ବିଳମ୍ବ ହେଉଛି, ସେ ସମସ୍ତ ଦିଗ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଅତିରିକ୍ତ ସି.ଇ.ଓ ଶ୍ରୀ ସୁଶାନ୍ତ କୁମାର ମିଶ୍ର ବରିଷ୍ଠ ଉପ ନିର୍ବାଚନ ଆୟୁକ୍ତଙ୍କ ନିକଟରେ ରାଜ୍ୟରେ ଚାଲିଥିବା ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଅଗ୍ରଗତି ଉପରେ ଏକ ପାୱାର ପଏଂଟ ଉପସ୍ଥାପନା ପ୍ରଦର୍ଶନ କରିଥିଲେ ।ବରିଷ୍ଠ ଉପ ନିର୍ବାଚନ ଆୟୁକ୍ତ ଶ୍ରୀ ଭାରତୀ ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଅଗ୍ରଗତି ନେଇ ଆତ୍ମସନ୍ତୋଷ ପ୍ରକାଶ କରିବା ସହ ସମୟ ଅବଧି ପୂର୍ବରୁ ସମସ୍ତ ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ ।ଓଡ଼ିଶାରେ କେହି ଜଣେ ବି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡନ୍ତି ସେ ଦିଗରେ ମଧ୍ୟ ଅଧିକ ଧ୍ୟାନ ରଖିବାକୁ ଜିଲ୍ଲାପାଳ ମାନଙ୍କ ସହ ଆଲୋଚନା କରିଥିଲେ । ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକୁ ଅଧିକ ସୁଗମ ଓ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀରେ ଏସ.ଆଇ.ଆରକାର୍ଯ୍ୟରେ ନିୟୋଜିତ ଅଧିକାରୀମାନଙ୍କ ବଦଳି/ନିଯୁକ୍ତି ଉପରେ ନିଷେଧାଦେଶ ଲାଗୁ କରାଯାଇଛି ।




ବୁଧବାର
୧୭ ଜୁନ ୨୦୨୬


# ବାଲେଶ୍ୱରରେ ଡ୍ରେନ୍ ସଫେଇ ବେଳେ ଶ୍ରମିକ ସୁରକ୍ଷାକୁ ନେଇ ପ୍ରଶ୍ନ

## ସେଫ୍ଟି କିଟ୍ ବିନା ନାଳ ଭିତରେ କାମ କରୁଥିବା ଶ୍ରମିକ, ଠିକାଦାରଙ୍କ ଦାବିକୁ ନେଇ ବିବାଦ



ବାଲେଶ୍ୱର(ନି.ପ୍ର.) ଆଗାମୀ ବର୍ଷା ଋତୁକୁ ଦୃଷ୍ଟିରେ ରଖି ବାଲେଶ୍ୱର ପୌରପାଳିକା ପକ୍ଷରୁ ସହରର ମହାନାଳ ଓ ବିଭିନ୍ନ ୱାର୍ଡର ଛୋଟ ବଡ଼ ଡ୍ରେନ୍ ?ଗୁଡ଼ିକର ସଫେଇ କାର୍ଯ୍ୟ ଜୋରଦାର ଭାବେ ଚାଲିଛି । ସହରରେ ଜଳବନ୍ଦୀ ସମସ୍ୟା ଏଡ଼ାଇବା ଲକ୍ଷ୍ୟରେ ଏହି ଅଭିଯାନ ଚାଲିଥିବା ବେଳେ ସଫେଇ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ସୁରକ୍ଷାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି । ସହରର ବିଭିନ୍ନ ସ୍ଥାନରେ ଜେସିବି, ପ୍ରୋକ୍ଲିନ୍ ଓ ଶ୍ରମିକମାନଙ୍କ ସହଯୋଗରେ ବର୍ଷ ବର୍ଷ ଧରି ଜମି ରହିଥିବା କାଦୁଅ, ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଉଠାଯାଉଛି । ତେବେ ଏହି କାମ କରୁଥିବା ଅନେକ ଶ୍ରମିକଙ୍କୁ ଗ୍ଲୋଭ୍ସ, ଗମ୍ ?ବୁଟ୍, ମାସ୍କ ଭଳି ଆବଶ୍ୟକ ସୁରକ୍ଷା ସାମଗ୍ରୀ ବିନା ଦୂଷିତ ନାଳ ଭିତରେ ପଶି କାମ କରୁଥିବା ଦେଖିବାକୁ ମିଳିଛି ।

ଶ୍ରମିକମାନଙ୍କ କହିବା ଅନୁଯାୟୀ, ଦୈନିକ ୪୦୦ରୁ ୫୦୦ ଟଙ୍କା ମଜୁରି ପାଇଁ ସେମାନେ ଜୀବନକୁ ବିପଦରେ ପକାଇ କାମ କରୁଛନ୍ତି । ନାଳ ଭିତରେ କାଚ ବୋତଲ ସମେତ ବିଭିନ୍ନ ବିପଜ୍ଜନକ ସାମଗ୍ରୀ ଥିବା ସତ୍ତ୍ୱେ ସେମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଉପକରଣ ମିଳୁନଥିବା ଅଭିଯୋଗ କରିଛନ୍ତି । ଅନ୍ୟପଟେ, ସମ୍ପୃକ୍ତ ଠିକା ସଂସ୍ଥାର ପ୍ରତିନିଧି ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି । ସମସ୍ତ ଶ୍ରମିକଙ୍କୁ ସେଫ୍ଟି କିଟ୍, ଗ୍ଲୋଭ୍ସ ଓ ବୁଟ୍ ଯୋଗାଇ ଦିଆଯାଇଥିବା ସହ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଓଆରଏସ ଓ ଗ୍ଲୁକୋଜ୍ ମଧ୍ୟ ବ[ନ କରାଯାଉଥିବା ଦାବି କରିଛନ୍ତି ।

ପୌରପାଳିକା ସୂତ୍ରରୁ ପ୍ରକାଶ ଯେ, ଡ୍ରେନ୍ ସଫେଇ କାର୍ଯ୍ୟ ପାଇଁ ପ୍ରାୟ ୫୦ ଲକ୍ଷ ଟଙ୍କାର ଅନଲାଇନ୍ ଟେଣ୍ଡର ହୋଇଥିବା ବେଳେ ସହରର ବିଭିନ୍ନ ଅଂଚଳରେ ୬୦ରୁ ୭୦ ଜଣ ଶ୍ରମିକ ନିୟୋଜିତ ଅଛନ୍ତି । ବାଲେଶ୍ୱର ପୌରପାଳିକାର ନିର୍ବାହୀ ଅଧିକାରୀ କହିଛନ୍ତି ଯେ, ଶ୍ରମିକମାନଙ୍କ ସୁରକ୍ଷା ଉପରେ ସୁପରଭାଇଜରମାନେ ନଜର ରଖୁଛନ୍ତି ଏବଂ ଯେଉଁମାନେ ସେଫ୍ଟି କିଟ୍ ବ୍ୟବହାର କରୁନାହାନ୍ତି ସେମାନଙ୍କୁ ବାଧ୍ୟତାମୂଳକ ଭାବେ ବ୍ୟବହାର କରାଯିବ । ତେବେ ଠିକାଦାର ଓ ପ୍ରଶାସନ ପକ୍ଷରୁ ସୁରକ୍ଷା ସାମଗ୍ରୀ ଯୋଗାଇ ଦିଆଯାଇଥିବା ଦାବି କରାଯାଉଥିବା ବେଳେ ଘଟଣାସ୍ଥଳର ବାସ୍ତବ ଚିତ୍ର ଭିନ୍ନ କଥା କହୁଛି । ବର୍ଷା ଋତୁ ପୂର୍ବରୁ ସହରର ନାଳ ଓ ଡ୍ରେନ୍ ସଫା ରଖିବା ଯେତିକି ଆବଶ୍ୟକ, ସେହି କାମରେ ନିୟୋଜିତ ସଫେଇ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ସୁନିଶ୍ଚିତ କରିବା ମଧ୍ୟ ସେତିକି ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ଆଜି ପୂର୍ବାହ୍ନ ଘ: ୧୦.୦୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାର ବସ୍ତା ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବସ୍ତା ପଂଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଂଚାୟତରୁ ୯୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୮୦ ଗୋଟି ବ୍ୟକ୍ତିଗତ ଓ ୧୫ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ଅଟେ। ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୫ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଦିଲ୍ଲୀପ କୁମାର ଜେନା, ବିଡିଓ, ବସ୍ତା ଶ୍ରୀଯୁକ୍ତ ମିହିର ରଞ୍ଜନ ବେହେରା, ତହସିଲଦାର, ବସ୍ତା ଶ୍ରୀଯୁକ୍ତ ସୁଶାନ୍ତ କୁମାର ପାତ୍ରଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।



# ଶୁଭଙ୍କରଙ୍କ ସ୍ମୃତିରେ ତିନିଦିନିଆ ରଜ ଉତ୍ସବ ଉଦ୍ଯାପିତ



ବାଲେଶ୍ୱର(ନି.ପ୍ର.): ଶିଳ୍ପାଂଚଳ ଥାନା ଅନ୍ତର୍ଗତ ବାମପଦାସ୍ଥିତ ମଧୁସୂଦନ କୁଷ୍ଠାଶ୍ରମ କଲୋନୀବାସୀଙ୍କ ପକ୍ଷରୁ ଯୁବ ସାମ୍ବାଦିକ ସ୍ୱର୍ଗତ ଶୁଭଙ୍କର ପିରିଙ୍କ ସ୍ମୃତିରେ ଆୟୋଜିତ ତିନିଦିନିଆ ରଜ ଉତ୍ସବ ଉଦ୍ ?ଯାପିତ ହୋଇଯାଇଛି ।ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ବର୍ତ୍ତମାନର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିପିନ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବର ପ୍ରଥମ ଦିବସରେ କଲୋନୀର ଶିଶୁ ଓ କିଶୋରମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ରଜ ପର୍ବ ଅବସରରେ କଲୋନୀବାସୀ ବାଉଁଶ ଦୋଳିର ଆନନ୍ଦ ଉପଭୋଗ କରିବା ସହ ଘରେ ଘରେ ପିଠାପଣା ଓ ମିଠାର ଆସର ଜମିଥିଲା ।ଉଦ୍ ?ଯାପନୀ ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ଶୁଭଙ୍କରଙ୍କ ପିତା ତଥା ସାମ୍ବାଦିକ ଲୋକନାଥ ପିରି, ମାତା ଅମିତା ପିରି, ଭୀମପୁରା ସରପଂଚଙ୍କ ପ୍ରତିନିଧି ବିଜୟ ପଲାଇ, ସାମ୍ବାଦିକ ମାନସ ପାଢ଼ୀ, ସରୋଜ ସାହୁ, କୁନା ସରେନ, ଗଣେଶ୍ୱର ସାହୁ ଓ ସାମରାୟ ସରେନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶୁଭଙ୍କରଙ୍କ ସ୍ମୃତିଚାରଣ କରିଥିଲେ । ଏହାସହ ତାଙ୍କ ଆତ୍ମାର ସଦ୍ ?ଗତି କାମନା କରି ଦୁଇ ମିନିଟ୍ ?ର ନିରବ ପ୍ରାର୍ଥନା କରାଯାଇଥିଲା ।ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଉତ୍ସବ ପରିଚାଳନାରେ ଭାଗିରଥି ମୁର୍ମୁ, ଶିବ ସରେନ, ରଥ ମାରାଣ୍ଡି, ଲକ୍ଷ୍ମଣ ସିଂହ, ଗିରିଶ ସାହୁ, ଭୁଜୁ ମୁର୍ମୁ ଓ ଗେଲ୍ହାମଣି ମାରାଣ୍ଡିଙ୍କ ସମେତ କଲୋନୀର ଅନ୍ତେବାସୀମାନେ ସକ୍ରିୟ ସହଯୋଗ କରିଥିଲେ ।


## ଚିତ୍ରକଳା ବିଭାଗରେ ଫେଲୋସିପ ପାଇବାକୁ ମନୋନୀତ ହେଲେ ବାଲେଶ୍ୱରର ଶିଳ୍ପୀ ନିକୁଞ୍ଜ ବିହାରୀ ଦାସ

ବାଲେଶ୍ୱର, (କୃଷ୍ଣ କୁମାର ମହାନ୍ତି): ଚଳିତ ବର୍ଷ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ପ୍ରଦତ୍ତ ଚିତ୍ରକଳା ବିଭାଗରେ ଫେଲୋସିପ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ବାଲେଶ୍ୱରର ଶିଳ୍ପୀ ନିକୁଞ୍ଜ ବିହାରୀ ଦାସ । ପ୍ରତିବର୍ଷ ଭାରତ ସରକାରଙ୍କର ସଂସ୍କୃତି ବିଭାଗ ତରଫରୁ ପ୍ରତି ରାଜ୍ୟରେ ଥିବା ଶିଳ୍ପୀମାନଙ୍କୁ ସେମାନଙ୍କର ଚିତ୍ରକଳା, ଭାସ୍କର୍ଯ୍ୟ, ଫଟୋଗ୍ରାଫି, ବିଭାଗରୁ ବରିଷ୍ଠ ଫେଲୋସିପ ପ୍ରଦାନ କରାଯାଇଥାଏ । ସେହି କ୍ରମରେ ଚଳିତ ବର୍ଷ ଶିଳ୍ପୀ ନିକୁଂଜ ବିହାରୀ ଦାସ ଭାରତୀୟ ପରମ୍ପରାକୁ ନେଇ ଚିତ୍ର କରିବା ସହିତ ଓଡ଼ିଶାର ଚିତ୍ର ନବଗୁଂଜର ଉପରେ ଆଧାରିତ ବିଷୟବସ୍ତୁକୁ ନେଇ ନିଜର ନୂତନ ଶୈଳୀରେ ଚିତ୍ର କରିବାକୁ ଏବଂ ସେହି ଚିତ୍ରରେ ନୂତନତ୍ୱ ସୃଷ୍ଟି କରି ଓଡ଼ିଶାର ଚିତ୍ରକୁ ବିଶ୍ୱ ଦରବାରରେ ପହଂଚାଇବାର ପ୍ରୟାସକୁ ଜାରି ରଖିବା ପାଇଁ ଭାରତ ସରକାର ସଂସ୍କୃତି ବିଭାଗ ଦ୍ୱାରା ପ୍ରୋତ୍ସାହନ ପୂର୍ବକ ଶ୍ରୀ ଦାସଙ୍କୁ ବରିଷ୍ଠ ଫେଲୋସିପ୍ ପ୍ରଦାନ କରାଯାଇଛି । ନିକୁଂଜ ବିହାରୀ ଦାସଙ୍କର ବାସଗୃହ ଇଂଚୁଡ଼ି ଗ୍ରାମରେ ହୋଇଥିବା ବେଳେ ତାଙ୍କ ପିତା ସ୍ୱର୍ଗତ ଲାଲ ମୋହନ ଦାସ ମାତା ଶ୍ରୀମତୀ ସାବିତ୍ରୀ ମଣି ଦାସ ଅଟନ୍ତି । ସେ ସମ୍ପ୍ରତି ବାଲେଶ୍ୱର ଆର୍ଟ ଏଣ୍ଡ୍ କ୍ରାଫ୍ଟ କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି ।



# ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ଆସନ୍ତା ୨୧ ଜୁନ ୨୦୨୬ ତାରିଖ ସକାଳ ୭.୦୦ ଘଟିକାରେ ପାଳନ କରାଯିବାକୁ ଥିବା ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ଆଜି ସନ୍ଧ୍ୟା ୬.୦୦ ଘଟିକାରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ ଦପ୍ତରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ଇଓଗ) ଶ୍ରୀ ତପନ କୁମାର ଖୁ[ଆ ଅଧ୍ୟକ୍ଷତା କରିଥିଲେ । ବୈଠକରେ ଜିଲ୍ଲା କ୍ରୀଡ଼ା ବିଭାଗର ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଶ୍ରୀମତୀ ମନସ୍ୱିନୀ ରାଉତ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବସନ୍ତ କୁମାର ନାଏକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କିତ ବିଭିନ୍ନ ପ୍ରସ୍ତୁତି ଓ ପରିଚାଳନା ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଆଲୋଚନାରେ ନିଷ୍ପତି ଗ୍ରହଣ କରାଯାଇଥିଲା ଯେ ଆନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ପ୍ରାୟ ୫୦୦ ଜଣ ଅଂଶଗ୍ରହଣକାରୀ ଯୋଗଦେବେ । ସେମାନଙ୍କ ପାଇଁ ସୁବ୍ୟବସ୍ଥିତ ବସିବା, ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସହ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଉପଲବ୍ଧ କରାଯିବ । ସମସ୍ତ ଅଂଶଗ୍ରହଣକାରୀଙ୍କୁ ନିଜର ନାମ ପଞ୍ଜୀକରଣ ସମୟରେ ଗଞ୍ଜି ଦିଆଯିବ । କାର୍ଯ୍ୟକ୍ରମ ପରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ବ୍ରେକ ଫାଷ୍ଟ ପ୍ରଦାନ କରାଯିବ । ଅଧ୍ୟକ୍ଷ ଶ୍ରୀ ଖୁ[ଆ ଯୋଗ ଦିବସର ସଫଳ ଆୟୋଜନ ପାଇଁ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ସମନ୍ୱିତ ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ଏବଂ ଯୋଗ ମାଧ୍ୟମରେ ସୁସ୍ଥ ଜୀବନଶୈଳୀ ଗଠନର ବାର୍ତ୍ତାକୁ ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଂଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ ।



# ସ୍ୱର୍ଗତ ଡ. ବେଣୁମାଧବ ପଣ୍ଡାଙ୍କ ପଂଚମ ଶ୍ରାଦ୍ଧବାର୍ଷିକୀ

ବାଲେଶ୍ୱର(ନି.ପ୍ର.): ବେଣୁମାଧବ ସ୍ମୃତି ପରିଷଦ, ସତ୍ୟସାଇ ସୋସିଆଲ ଅର୍ଗାନାଇଜେସନ ଓ ସତ୍ୟସାଇ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ପକ୍ଷରୁ ବିଶିଷ୍ଟ ସମାଜସେବୀ ଯୁବନେତା, ସଂସ୍କୃତିପ୍ରେମୀ, ଯୁବ ଓ ଛାତ୍ରମାନଙ୍କର ପ୍ରେରଣାର ଉତ୍ସ ତଥା ସତ୍ୟସାଇ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ପୂର୍ବତନ ଚେୟାରମ୍ୟାନ ସ୍ୱର୍ଗତ ଡ. ବେଣୁମାଧବ ପଣ୍ଡାଙ୍କର ପଂଚମ ଶ୍ରାଦ୍ଧବାର୍ଷିକୀ ଓ ଏକ ସ୍ମୃତିସଭା ୧୬ ତାରିଖ ସଂଧ୍ୟାରେ ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆ ବାସଭବନ ପରିସରରେ ଓଡ଼ିଶା ସରକାରଙ୍କର ପୂର୍ବତନ ମନ୍ତ୍ରୀ ତଥା ଏବରର ଜିଲ୍ଲା ଯୋଜନାବୋର୍ଡ଼ର ଅଧ୍ୟକ୍ଷ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସ୍ମୃତିସଭାରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବାଲେଶ୍ୱରର ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ବସ୍ତା ବିଧାୟିକା ସୁବାସିନୀ ଜେନା, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବାଲେଶ୍ୱର ସଦର ବିଧାୟକ ମାନସ ଦତ, ସୋର ବିଧାୟକ ମାଧବ ଧଡ଼ା, ଶୁଭଙ୍କର ମହାପାତ୍ର, ଭାଜପା ଜିଲ୍ଲା ସଭାପତି ଈଶ୍ୱର ବେହେରା, ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ସବିତା ସାହୁଙ୍କ ସମେତ 'ଆଜିକାଲି' ସମ୍ବାଦପତ୍ରର ପ୍ରକାଶକ କିଶୋର ଚନ୍ଦ୍ର ଦାସ, ରାମନାରାୟଣ ଶତପଥି, ଅର୍ଦ୍ଧେନ୍ଦୁ ଶେଖର ଦାସଙ୍କ ସମେତ ବାଲେଶ୍ୱର ସଦର ମହକୁମାର ବହୁ ବିଶିଷ୍ଟ ବ୍ୟକ୍ତି ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ବକ୍ତବ୍ୟରେ କହିଥିଲେ କି, ସମାଜସେବା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସ୍ୱର୍ଗତ ଡ. ବେଣୁମାଧବ ପଣ୍ଡାଙ୍କ ଅବଦାନ ଥିଲା ଅବର୍ଣ୍ଣନୀୟ ।




# ସୁନ୍ଦରପୁର ରଜମହୋତ୍ସବର ୩ୟ ସଂଧ୍ୟା ଅନୁଷ୍ଠିତ



ଖଇରା: (ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁନ୍ଦରପୁର ହାଇସ୍କୁଲ ପଡିଆରେ ଚାଲିଥିବା ରଜ ମହୋତ୍ସବର ସୋମବାର ଥିଲା ୩ୟ ସଂଧ୍ୟା । ରାଜରାଣୀ ପ୍ରତିଯୋଗୀଙ୍କ ନୃତ୍ୟଗୀତ ସାଙ୍ଗକୁ ସୁନାମଧନ୍ୟ କଣ୍ଠଶିଳ୍ପୀ ଜାଗୃତି ମିଶ୍ରଙ୍କ ମନଛୁଆଁ ସଙ୍ଗୀତ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ପ୍ରଦାନ କରିଥିଲା । ଅପରାହ୍ନରେ ରଜରାଣୀ ପ୍ରତିଯୋଗୀତାର ଅଡିଶନ ରାଉଣ୍ଡରେ ସଫଳତା ପାଇଥିବା ପ୍ରତିଯୋଗୀ ମାନେ ଗାଲା ରାଉଣ୍ଡରେ ଅଂଶ ଗ୍ରହଣ କରିଥିଲେ । ଶଶିକାନ୍ତ ଦାସ ମ□ ପରିଚାଳନା କରିଥିଲେ । ପରେ ବରିଷ୍ଠ ଉପଦେଷ୍ଟା ଡା ହରେକୃଷ୍ଣ ରାଉତଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଭାରତୀୟ ନୌସେନାରେ କାର୍ଯ୍ୟରତ ଯନ୍ତ୍ରୀ ମଳୟ କୁମାର ଆଇଚ,ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,ନୟାଖଣ୍ଡି ସରପ□ ମମତାରାଣି ବେହେରା,କଇଥଗଡିଆ ସରପ□ ଗୋବର୍ଦ୍ଧନ ପାଇକରାୟ,ସମିତିସଭ୍ୟ ନରୋ□ମ ମହିମା ଜେନା,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୁଦ୍ଧିରାମ ପାଣିଗ୍ରାହୀ ଓ ହରିହର ଜେନା,କମିଟିର ବରିଷ୍ଠ ସଭ୍ୟ ଗଦାଧର ଜେନା,କୋଷାଧକ୍ଷ ସିଦ୍ଧାର୍ଥ ରଞ୍ଜନ ମହାପାତ୍ର,ଉପସଭାପତି ଜୀବନ କୁମାର ପାଣି ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ରାଜେଶ କୁମାର ପଣ୍ଡା ବେଦପାଠ,ପ୍ରହଲ୍ଲାଦ ରାୟ ମ□ ଆବାହନ ଓ ସଞ୍ଜୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



# ଜଳେଶ୍ୱର ପୌରପାଳିକାର ୧୧ନଂ ୱାର୍ଡ ପୁରୁଣା କୋର୍ଟ ଛକ ନୂଆବଜାର

ଜଳେଶ୍ୱର (ନି.ପ୍ର)ଜଳେଶ୍ୱର ପୌରପାଳିକାର ୧୧ନଂ ୱାର୍ଡ ବଡ଼ବଜାର ଅଂଚଳର କେତେକ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଯୁବ ସମାଜସେବୀ କୁମାର କୃଷ୍ଣ କର ଜଳେଶ୍ୱର ପୌର ପାଳିକା ନଗରପାଳ ପ୍ରତୀପ କୁମାର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଶ୍ରୀ କର ଗତ ୯ ତାରିଖରେ ନଗରପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି ଯେ ସଭା ଓ ଶୋଭାଯାତ୍ରାରେ ଡିଜେ ନ ବଜାଇବା ପାଇଁ ଆଇନଗତ ନିଷେଧ ଥିବାବେଳେ ଏହାକୁ ଉଲଂଘନ କରି ଉଚ୍ଚ ସ୍ୱରରେ ଡିଜେ ବଜାଉଥିବା ବ୍ୟକ୍ତି ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରିଛନ୍ତି । ଡିଜେ ବଜାଇବାକୁ ବିରୋଧ କରିବାକୁ ଯାଇ ଶ୍ରୀ କର ଦୁର୍ବୃତ ମାନଙ୍କ ଆକ୍ରମଣର ଶିକାର ହୋଇଥିଲେ । ସେହିଭଳି ୪୫ନଂ ରେଳ ଫାଟକ ଉପରଦେଇ ଯାଇଥିବା ନୂଆବଜ଼ାର - ବଡ ବଜାର ଫ୍ଲାୟ ଓଭର ବ୍ରିଜ ତଳେ ୪ଚକିଆ ଓ ୧୨ ଚକିଆ ଗାଡ଼ି, ଡିଜେ ଗାଡ଼ି, ଡମ୍ପର, ଟ୍ରାକ୍ଟର ପାର୍କିଂ କରିବା, ବାଲି, ମାଟି, ଗୋଡ଼ିକୁ ବେଆଇନ ଭାବେ ଠୁଳ କରାଯାଉଛି । ପୁରୁଣା କୋର୍ଟ ଛକ ନିକଟରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସମ୍ମୁଖରେ ଥିବା ପାନ ଦୋକାନୀ ଶିବୁ ଭୂୟାଁ ବେଆଇନ ଭାବେ ବ୍ୟକ୍ତିଗତ ବିଦ୍ୟୁତ ସଂଯୋଗକୁ ବିପଦ ସଂକୁଳ ଭାବେ ସାମ୍ନା ରାସ୍ତା ପାର କରାଇ ପୋଲ ତଳେ ଏକ ଡିଜେ ମାଲିକଙ୍କୁ ବିଦ୍ୟୁତ ସଂଯୋଗ ଦେଇ ୱେଲଡିଂ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ପାଇଁ ଶ୍ରୀ କର ଦାବୀ କରିଛନ୍ତି ।ଓଭର ବ୍ରିଜ ତଳେ କେତେକ ଅସାମାଜିକ ବ୍ୟକ୍ତି ଆଡ୍ଡା ଜମାଇ ତାସପାଲି ଓ ଜୁଆ ଖେଳୁଥିବା ବେଳେ ଏହି ବ୍ୟକ୍ତି ମାନେ ମହିଳା ମାନଙ୍କୁ ଖରାପ ବ୍ୟବହାର କରୁଛନ୍ତି । ଏହି ସମାଜ ବିରୋଧୀ ବ୍ୟକ୍ତି ମାନେ ସେଠାରେ ଥିବା ବାଲେଶ୍ୱର ଜିଲ୍ଲା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଖୋଲା ଯାଇଥିବା ପାଠାଗାରରେ କାର୍ଯ୍ୟରତ ମହିଳା କର୍ମଚାରୀ ରୀନା ଖାତୁନଙ୍କୁ ଆକ୍ରମଣ କରିବାସହ ଖରାପ ବ୍ୟବହାର କରିଥିଲେ । ଏ ସମ୍ପର୍କରେ ସେ ଗତ ତା ୦୩/୦୬/୨୦୨୬ପତ୍ରିଖରେ ଜଳେଶ୍ୱର ଥାନାରେ ଲିଖିତ ଏତଲା ଦେବା ସତ୍ତ୍ୱେ ଅଦ୍ୟାବଧି ଦୁର୍ବୃତ ମାନଙ୍କୁ ଗିରଫ କରାଯାଇ ନାହିଁ ।ଏହି ଅସାମାଜିକ ବ୍ୟକ୍ତି ମାନେ ନିକଟରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଓ ଷ୍ଟେଟ ବ୍ୟାଙ୍କରୁ ଜମାକାରୀ ମାନେ ଟଙ୍କା ଉଠାଇ ରାସ୍ତାରେ ଯାଉଥିବା ବେଳେ ଟଙ୍କା ଛିନ୍ତଇ ଘଟଣା ମାନ ଘଟୁ ଥିବା ବେଳେ ବେଆଇନ କାର୍ଯ୍ୟ କରୁଥିବା ଅପରାଧୀ ମାନଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମାଜସେବୀ କୁମାର କୃଷ୍ଣ କର, କଳ୍ପିତା ରାଣୀ ସାହୁ, ରୀନା ଖାତୁନ, ତପନ କର, ପ୍ରଶାନ୍ତ କୁମାର ଭଞ୍ଜ, ଶିବ ଶଙ୍କର ସ୍ୱାଇଁ ପ୍ରମୁଖ ସ୍ଥାନୀୟ ବାସିନ୍ଦା ମାନେ ନଗରପାଳ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଏହି ଦାବୀ ପତ୍ର ପ୍ରଦାନ କରିଛନ୍ତି ।







# ଦେଶବନ୍ଧୁ ଓ ଯୁଗବନ୍ଧୁ

◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଉଲ୍ଲେଖନୀୟ ଓ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷଙ୍କ ମଧ୍ୟରେ ଦେଶବନ୍ଧୁ ଚିତରଞ୍ଜନ ଦାସ ଅନ୍ୟତମ । ବ୍ରିଟିଶ ଭାରତରେ ସେ ସ୍ୱରାଜ ଦଳର ସକ୍ରିୟ ସଦସ୍ୟ ଥିଲେ । ସେ ଅବିଭକ୍ତ ଭାରତବର୍ଷର ଢ଼ାକ୍କା (ବର୍ତମାନର ବାଙ୍ଗଲାଦେଶ) ନିକଟବର୍ତୀ ବିକ୍ରମପୁରରେ ଏକ ସଂଭ୍ରାନ୍ତ ବୈଦ୍ୟ ପରିବାରରେ ଜନ୍ମ ହୋଇଥିଲେ । ଇଂଲଣ୍ଡରେ ଆଇନ ଶିକ୍ଷା କରି ସେ ବାରିଷ୍ଟର ହୋଇଥିଲେ । ଆଲିପୁର ବୋମା ବିସ୍ଫୋରଣ ମାମଲାରେ ସେ ଶ୍ରୀ ଅରବିନ୍ଦଙ୍କ ପକ୍ଷରୁ ମାମଲା ପରିଚାଳନ କରି, ତାଙ୍କୁ ରକ୍ଷା କରିବାରେ ସଫଳ ହୋଇଥିଲେ । ଅସହଯୋଗ ଆନ୍ଦୋଳନରେ ଦେଶବନ୍ଧୁ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ବିଦେଶୀ ବସ୍ତ୍ରରେ ନିଆଁ ଲଗାଇଥିଲେ । ସେ ଫରୱାର୍ଡ଼ ନାମକ ଖବରକାଗଜ ପ୍ରକାଶ କରୁଥିଲେ । ପରେ ଏହାର ନାମ ବଦଳି ଲିବର୍ଟି ହୋଇଥିଲା । କଲିକତା ମହାନଗର ନିଗମର ସେ ଥିଲେ ପ୍ରଥମ ମେୟର୍ । ଭାରତୀୟ କଂଗ୍ରେସର ଗୟା ଅଧିବେଶନ ବେଳେ ଗାନ୍ଧିଜୀଙ୍କ ସହ ମତଭେଦ ଯୋଗୁଁ ସେ ସଭାପତି ପଦ ତଥା ଦଳ ତ୍ୟାଗ କରିଥିଲେ । ତାହା ପରେ ମୋତିଲାଲ ନେହେରୁ ଓ ହୁସେନ ଶାହିଦ ସୁହ୍ରାୱର୍ଦୀଙ୍କ ସହ ମିଳିତ ଭାବେ ସ୍ୱରାଜ ଦଳ ପ୍ରତିଷ୍ଠା କରିଥିଲେ । ସେ ଅହିଂସାବାଦୀ ଥିଲେ ହେଁ କଠୋର ଆଭିମୁଖ୍ୟ ଯୋଗୁଁ ଗାନ୍ଧୀଙ୍କ ଠାରୁ ଦୂରେଇଯାଇଥିଲେ । ଦେଶବନ୍ଧୁ ଚିତରଞ୍ଜନ ଦାସଙ୍କର ଆଧ୍ୟାତ୍ମିକ ଗୁରୁ ଯୁଗବନ୍ଧୁ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଦିଗ୍‌ଦର୍ଶନରେ ଦେଶବନ୍ଧୁଙ୍କର ଜୀବନଶୈଳୀ ସମ୍ପୂର୍ଣ୍ଣ ରୂପାନ୍ତରିତ ହୋଇଥିଲା । ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ କନିଷ୍ଠ ଭ୍ରାତା ଶ୍ରୀ ବାରୀନ୍ ଘୋଷ ଦୀପାନ୍ତର ପରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସାହଚର୍ଯ୍ୟରେ ପାବନା ହିମାଇତପୁର (ବାଂଲାଦେଶ) ସତ୍‌ସଙ୍ଗ ଆଶ୍ରମରେ କିଛିଦିନ ଅବସ୍ଥାନ କରିଥିଲେ । ଶ୍ରୀ ଶ୍ରୀ ଠାକୁରଙ୍କର ଚରିତ୍ରର ମାଧୁର୍ଯ୍ୟ ଓ ଆଧ୍ୟାତ୍ମିକ ଆଳାପ ଆଲୋଚନାରେ ଶ୍ରୀ ବାରୀନ୍ ଘୋଷ ଅତ୍ୟନ୍ତ ମୁଗ୍ଧ ହୋଇଥିଲେ । ସତ୍‌ସଙ୍ଗରୁ ଫେରି ଶ୍ରୀ ବାରୀନ୍ ଘୋଷ ଦେଶବନ୍ଧୁ ଚିତରଞ୍ଜନ ଦାସଙ୍କୁ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁରଙ୍କ କଥା କହିଥିଲେ ଓ ଦେଶବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ନ୍ତନାରାୟଣ’ ପତ୍ରିକାରେ ନ୍ତସତ୍‌ସଙ୍ଗର ମଧୁଚକ୍ର’ ନାମକ ଏକ ପ୍ରବନ୍ଧ ପ୍ରକାଶ କଲେ । ଯୁଗବନ୍ଧୁ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଦେଶବନ୍ଧୁ ଚିତରଞ୍ଜନ ଦାସଙ୍କ ପ୍ରଥମ ସାକ୍ଷାତ ହୋଇଥିଲା କଲିକତା ମହାନଗରୀର ମାଣିକତଲାରେ ୧୯୨୪ ମସିହାର ମଇ ମାସରେ । ସତ୍ୟାଗ୍ରହ ଆନ୍ଦୋଳନ, ଚରଖା ଆନ୍ଦୋଳନ, ସ୍ୱରାଜ ଆନ୍ଦୋଳନ, ବିପ୍ଳବୀ କ୍ରିୟାକଳାପ, ଭାରତ ବର୍ଷର ସ୍ୱାଧୀନତା, ଦେଶର ଅର୍ଥନୈତିକ ସ୍ୱାଧୀନତା ଓ ମାନବୀୟ ମୂଲ୍ୟବୋଧର ଜାଗରଣ ଇତ୍ୟାଦି ବହୁ ପ୍ରସଙ୍ଗରେ ଦେଶବନ୍ଧୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ ଆଲୋଚନା କରିଥିଲେ । ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁରଙ୍କର ସହଜ, ସରଳ, ନିରଭିମାନ ବ୍ୟକ୍ତିତ୍ୱ, ଅନ୍ତହୀନ ଜ୍ଞାନ, ଉତ୍କୃଷ୍ଟ ଅନାବିଳ ପ୍ରେମ ଓ ସର୍ବୋପରି ଆଧ୍ୟାତ୍ମିକ ମୂଲ୍ୟବୋଧ ଓ ଭାରତମାତାର ଜାଗରଣ ନିମିତ୍ତ ଏକ ସୁପରିକଳ୍ପିତ ସମନ୍ୱିତ ଯୋଜନା ଯାହାକି ଶିକ୍ଷା, ଦୀକ୍ଷା, ସୁବିବାହ ଓ ମନୁଷ୍ୟର ଜୈବିକ ସଂସ୍ଥିତିର ଉନ୍ନୟନ ଉପରେ ପର୍ଯ୍ୟବେସିତ ଇତ୍ୟାଦି ଜ୍ଞାନର ଆଭାସ ପାଇ ଶ୍ରୀ ଶ୍ରୀ ଠାକୁରଙ୍କୁ



ଦେଶବନ୍ଧୁ ଗୁରୁ ରୂପେ ବରଣ କରିଥିଲେ ଓ ଜନନୀ ମନମୋହିନୀ ଦେବୀଙ୍କ ଠାରୁ ୧୪ ମଇ୧୯୨୪ ମସିହାରେ ସତ୍‌ଦୀକ୍ଷାରେ ଦୀକ୍ଷିତ ହୋଇଥିଲେ । ଦୀକ୍ଷା ଗ୍ରହଣ ପରେ ଦେଶବନ୍ଧୁ ତାଙ୍କର ପୁତ୍ର ଚିରରଞ୍ଜନ ଓ ପୁତ୍ରବଧୂ ସୁଜାତା ଦେବୀଙ୍କୁ ସତ୍‌ମନ୍ତ୍ରରେ ଦୀକ୍ଷା ଦେଇ ଶ୍ରୀମାନ ସୁନୀଲ ଚନ୍ଦ୍ର ମୁର୍ଖାଜୀଙ୍କ ସହିତ ସତ୍‌ସଙ୍ଗ ଆଶ୍ରମକୁ ପଠାଇ ଦେଇଥିଲେ ଓ ସେମାନେ ସୁଦୀର୍ଘ ଦିନ ଶ୍ରୀ ଶ୍ରୀ ଠାକୁରଙ୍କ ସାହଚର୍ଯ୍ୟରେ ଆଶ୍ରମରେ ଅବସ୍ଥାନ କରିଥିଲେ । ଦେଶବନ୍ଧୁ ଚିତରଞ୍ଜନ ଦାସ ଫରିଦ୍‌ପୁର ସମ୍ମିଳନୀ ଯିବା ପୂର୍ବରୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏକ ପତ୍ର ମାଧ୍ୟମରେ ତାଙ୍କୁ ଅନୁରୋଧ କରିଥିଲେ ଯେ ଆପଣ କିଛି ଦିନ ସତ୍‌ସଙ୍ଗ ଆଶ୍ରମରେ ରହି ଆପଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ । ଶ୍ରୀ ଶ୍ରୀ ଠାକୁରଙ୍କର ଲୀଳାସହଚର ଭକ୍ତ ପ୍ରବଳ ସୁଶୀଲ ଚନ୍ଦ୍ର ବସୁ ଏହି ଚିଠିଟି ନେଇ ଦେଶବନ୍ଧୁଙ୍କୁ ଦେଲାପରେ ଦେଶବନ୍ଧୁ ଚିଠିଟିକୁ ମଥାରେ ଲଗାଇ ଖୋଲିଲେ ଏବଂ ପଢି କହିଲେ ଯେ ଫରିଦ୍‌ପୁର କନ୍‌ଫାରେନ୍ସରୁ ଫେରି ଦାର୍ଜିଲିଂ ଯିବା ପଥରେ ମୁଁ ସତ୍‌ସଙ୍ଗ ଆଶ୍ରମକୁ ଯିବି । ମହାତ୍ମା ଗାନ୍ଧୀ ମଧ୍ୟ ସେହି ଫରିଦ୍‌ପୁର କନ୍‌ଫାରେନ୍ସରେ ଉପସ୍ଥିତ ଥିଲେ । ୧୯୨୫ ମସିହା ୧୧ମେ ଦିନ ଦେଶବନ୍ଧୁ ସତ୍‌ସଙ୍ଗ ଆଶ୍ରମରେ ପଦ୍ମାତୀରରେ ଏକ ଛୋଟ ବଙ୍ଗଳାରେ ଯାଇ ରହିଲେ । ସେହିଠାରେ ଗଭୀର ରାତ୍ରି ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ ଆଳାପ ଆଲୋଚନା ଚାଲୁଥିଲା - ଆଧ୍ୟାତ୍ମିକ ସାଧନା, ଶିକ୍ଷା, ଦର୍ଶନ, ସମାଜ, ଇତିହାସ ଓ ବିଜ୍ଞାନ ଇତ୍ୟାଦି ବିଷୟରେ ବହୁ ଆଲୋଚନା ହେଉଥିଲା । ଦାର୍ଜିଲିଂରୁ ଫେରି ସେ କେଉଁ କାର୍ଯ୍ୟରେ ମନ ଦେବେ, ସେ ସବୁ ବିଷୟରେ ଶ୍ରୀ ଶ୍ରୀ ଠାକୁର ପରାମର୍ଶ ଦେଇଥିଲେ । ଆଶ୍ରମରେ ତିନି ଚାରି ଦିନ ରହିବାପରେ ଅନେକ ସୁସ୍ଥବୋଧ କଲାପରେ ଆତ୍ମୀୟ ସ୍ୱଜନଙ୍କ ଇଛାନୁସାରେ ଦାର୍ଜିଲିଂ ଯିବା ପାଇଁ ଇଛା ପ୍ରକାଶ କଲେ । କିନ୍ତୁ ଶ୍ରୀ ଶ୍ରୀ ଠାକୁରଙ୍କ ଅନୁମତି ନ ମିଳିବାଯୋଗୁଁ ଦୁଇଥର ଦାର୍ଜିଲିଂ ଯାତ୍ରା ବନ୍ଦ ହୋଇଥିଲା । କିନ୍ତୁ ପରେ ଅନିଚ୍ଛାସତ୍ୱେ ମଧ୍ୟ ଶ୍ରୀ ଶ୍ରୀ ଠାକୁର ଅନୁମତି ଦେବାକୁ ବାଧ୍ୟ ହୋଇଥିଲେ । ପୁତ୍ରଚରିରଞ୍ଜନ, ପୁତ୍ରବଧୁ ସୁଜାତା ଦେବୀ ଓ ତାଙ୍କର କନ୍ୟାଗଣ ଆଶ୍ରମରେ ରହିଗଲେ । କିନ୍ତୁ ଦୁର୍ଭାଗ୍ୟବଶତଃ କାଳର କରାଳକ୍ରମେ ଦାର୍ଜିଲିଂ ଠାରେ ଗୁରୁତର ଶାରୀରିକ ଅସୁସ୍ଥତା ଯୋଗୁଁ ମାତ୍ର ପଂଚାବନ ବର୍ଷ ବୟସରେ ଦେଶବନ୍ଧୁଙ୍କର ମହାପ୍ରୟାଣ ହୋଇଥିଲା । କଲିକତାରେ ଦେଶବନ୍ଧୁଙ୍କ ଅନ୍ତିମ ଶୋଭାଯାତ୍ରାରେ ଜନନୀ ମନମୋହିନୀ ଦେବୀ ଓ ଜାତିର ପିତା ମହାତ୍ମାଜୀ ଉପସ୍ଥିତ ରହି ତାଙ୍କର ଗୁଣ ବଖାଣିଥିଲେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମଧ୍ୟ ତାଙ୍କୁ ନିଜର ଗୁରୁ ହିସାବରେ ମାନନ୍ତି । ଦେଶବନ୍ଧୁଙ୍କ ପତ୍ନୀ ବାସନ୍ତୀ ଦେବୀଙ୍କୁ ମାଆ ଭାବେ ସମ୍ବୋଧିତ କରୁଥିଲେ । ଦେଶବନ୍ଧୁଙ୍କର ଶେଷ ବାକ୍ୟ ଥିଲା - ମୋ ଜୀବନର ସମସ୍ତ ଆଶା, ଆକାଂକ୍ଷା ଓ ଚିନ୍ତାଧାରା ଶ୍ରୀ ଶ୍ରୀ ଠାକୁରଙ୍କର ସାନ୍ନିଧ୍ୟ ଲାଭ କରି ପରିମାର୍ଜିତ ହୋଇଥିଲା । ୧୯୨୫ ମସିହା ଜୁନ୍ ୧୬ ତାରିଖରେ ପ୍ରବଳ ଜ୍ୱରରେ ପୀଡ଼ିତ ହେବା ଯୋଗୁଁ ଦେଶବନ୍ଧୁଙ୍କର ପ୍ରାଣହାନୀ ଘଟିଥିଲା । ।

*ସହ-ପ୍ରତିରଦ୍ଧିକ,*
*ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ :*
*୯୪୩୭୦୫୧୯୫୭*

# ୧୮୫୮ରେ ସହିଦ ସଂଗ୍ରାମୀ ଶ୍ରୁତି ବିଶ୍ୱାଳ

◆ ପ୍ରକାଶ ନାୟକ

ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ଜୀବନକୁ ବଳି ପକେଇଥିବା ସଂଗ୍ରାମୀମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲାର ସହିଦ ସଂଗ୍ରାମୀ ଶ୍ରୁତି ବିଶ୍ୱାଳଙ୍କ ବୀରତ୍ୱ ଉଦାହରଣ ଯୋଗ୍ୟ । ଏହି ପରିପ୍ରେକ୍ଷୀରେ ଅନେକ ବ୍ୟକ୍ତିତ୍ୱ ଯେଉଁମାନେ କୌଣସି କାରଣରୁ ଇତିହାସ ପୃଷ୍ଠାରେ ସ୍ଥାନ ପାଇନାହାନ୍ତି ସେମାନଙ୍କୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ ଚାଲିଛି । ଓଡିଶାର ଯାଜପୁର ଜିଲ୍ଲାର ବରୀ ଧୋୟା ଅଂଚଳରେ ସହିଦ ସଂଗ୍ରାମୀ ଶ୍ରୁତି ବିଶ୍ୱାଳଙ୍କ ଜନ୍ମ ୧୪ ଫେବୃଆରୀ ୧୮୦୬ରେ । କଥା ୧୮୫୭ ମସିହାର ଇଷ୍ଟ ଇଣ୍ଡିଆ କମ୍ପାନୀ ଚାଷୀମାନଙ୍କ ଉପରେ ଅଧିକରୁ ଅଧିକ ଟିକସ ବଢାଇ ଚାଲିଥାନ୍ତି । ଫଳରେ ଚାଷୀ, ମୂଲିଆ ତଥା ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥାଏ । ଯାଜପୁରର ଜମିଦାର ମାନଙ୍କ ନେତୃତ୍ୱରେ ଇଂରେଜ ମାନଙ୍କ ବିରୁଦ୍ଧରେ ୧୮୫୭ ମସିହାରେ ଉପକୂଳ ଓଡିଶାରେ ଆରମ୍ଭ ହୋଇଥିବା ସଶସ୍ତ୍ର ସଂଗ୍ରାମରେ ରାମକୃଷ୍ଣ ସାମନ୍ତସିଂହାର ଓ ସାଥୀଗଣ ନେତୃତ୍ୱ ଗ୍ରହଣ କରିଥିଲେ । ଜମିଦାର ଓ ଚାଷୀମାନଙ୍କର ସଂଗ୍ରାମ ଏତେ ପ୍ରଚଣ୍ଡ ଥିଲା ଯେ, ଇଂରେଜମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ଇଂରେଜ ସ ର କ । ର ଆନ୍ଦୋଳନକାରୀମାନଙ୍କୁ କଳାପାଣି ପଠାଇ ଦେଇ ସମ୍ପତି ବାଜ୍ୟାପ୍ତ କରିଥିଲେ । ଅବଶ୍ୟ ୧୮୫୮ ମସିହାରେ ଯେତେବେଳେ ଦେଶରେ ଆନ୍ଦୋଳନ ଭୟଙ୍କର ରୂପନେଲା ସେତେବେଳେ ଇଂଲଣ୍ଡର ମହାରାଣୀଙ୍କ ରାଜକ୍ଷମା ବଳରେ ସମସ୍ତେ ଜେଲରୁ ମୁକ୍ତି ପାଇବା ସହ ଧନସମ୍ପତି ଫେରି ପାଇଥିଲେ । କିନ୍ତୁ ଗିରଫ ହୋଇନଥିବା ସଂଗ୍ରାମୀଙ୍କ ଭିତରୁ ବର୍ତମାନର ଯାଜପୁର ଜିଲ୍ଲାର ରିଶିପୁର ଦେ’ବିଲର ସଂଗ୍ରାମୀ ଯୁବକ ଶ୍ରୁତିଙ୍କୁ କେହି ଧରିପାରିନଥିଲେ । ଶ୍ରୁତି ବିଶ୍ୱାଳ ଇଂରେଜ ସେନାଙ୍କ ଆଖିରେ ଧୂଳି ଦେଇ ଇଂରେଜ ବିରୁଦ୍ଧରେ ଲୁଚିଛପି ଅତର୍କିତ ଆକ୍ରମଣ ଜାରି ରଖିଥିଲେ । ସେ ବାଲିଆ (ଅଭିମନ୍ୟୁ ସାମନ୍ତସିଂହାର)ର ଜମିଦାର ରାମକୃଷ୍ଣ ସାମନ୍ତସିଂହାରଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଦୃଢଭଳି କାମ କରୁଥିଲେ । ଶ୍ରୁତି ବିଶ୍ୱାଳ ଇଂରେଜମାନଙ୍କ ଚାଲିଚଳନ ଉପରେ ନଜର ରଖୁଥିଲେ ଓ ଗାଆଁ ଗାଆଁ ବୁଲି ସଭାସମିତି ଆୟୋଜନ କରି ଇଂରେଜମାନଙ୍କ ଅତ୍ୟାଚର ବିରୁଦ୍ଧରେ ସଶସ୍ତ୍ର ଆନ୍ଦୋଳନ ପାଇଁ ଲୋକଙ୍କୁ ପ୍ରବର୍ତାଉ ଥିଲେ । ଏପଟେ ଯାଜପୁର ସବ୍‌ଡିଭିଜନ ଓ ସେପଟେ କଟକ ଜିଲ୍ଲା ମହକୁମା ମଝିରେ ତାଙ୍କର ପ୍ରଭାବ ଥିଲା । ବ୍ରାହ୍ମଣୀ ନଦୀର ଉପନଦୀ କାଣି ଓ ଖରସ୍ରୋତାର ଧୋୟା ଅ□ଳରେ ଶ୍ରୁତି ବିଶ୍ୱାଳ ମେଳି କରୁଥିଲେ, ଚାଷୀ, ମୂଲିଆ ଓ ଅନ୍ୟାନ୍ୟ ବର୍ଗର ଲୋକଙ୍କୁ ନେଇ । ସେ ଇଂରେଜ ଶାସନର କର୍ମଚାରୀମାନଙ୍କ ଉପରେ କେବଳ ଅତର୍କିତ ଆକ୍ରମଣ କରି ଅଂଚଳରେ ଆତଙ୍କ ସୃଷ୍ଟି କରୁନଥିଲେ ବରଂ ଇଂରେଜମାନଙ୍କର ନିଦ ହଜେଇ ଦେଇଥିଲେ । ସେ କୌଣସି ଘଟଣା ଘଟେଇ ରଣପା ସାହାଯ୍ୟରେ ଆଖିପିଛୁଳାକେ ଅନ୍ତର୍ଦ୍ଧାନ ହୋଇଯାଉଥିଲେ । ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ ସେ ରଣପା ଦ୍ୱାରା ବିଲ, ବାଡି, ଗହିର ନଦୀ ପାର ହୋଇ ବାଲିଆ ପର୍ଯ୍ୟନ୍ତ ପଳାଉଥିଲେ । ଏମିତି ଦିନେ ଇଂରେଜ ସିପାହୀ ଦୁଇଜଣ ତାଙ୍କୁ ଧରିବା ପାଇଁ ବାଲିଆ ଆସି ସେ ନିତ୍ୟକର୍ମ କରିବା ଅବସ୍ଥାରେ ଧରିପକାଇଥିଲେ । କୌଣସି ଉପାୟ ନପାଇ ଦୁଇଜଣ ସିପାହୀଙ୍କୁ ଶ୍ରୁତି ନିଜର ବଳିଷ୍ଠ ବାହୁ ମଧ୍ୟରେ ଚାପିଦେଇ ମାରିଦେଲେ । ଏକଥା ବିଦ୍ୟୁତ୍ ବେଗରେ ପ୍ରଚାରିତ ହେବା ପରେ ଇଂରେଜ ଶାସକ ମର୍ମାହତ ହେଲେ । ଇଂରେଜମାନେ ଚାହୁଁନଥିଲେ, ଏପରି ଘଟଣାର ପୁନରାବୃତି ଘଟୁ । ତେଣୁ ହତ୍ୟା ଅଭିଯୋଗରେ ତାଙ୍କୁ ପ୍ରଥମେ ଗିରଫ କରି କଟକ ନିଆଗଲା । ତେରଦିନ ପରେ ଇଂରେଜଙ୍କ ମିଥ୍ୟା ମକଦ୍ଦମା ଓ ବିଚାର ଯୋଗୁ ତରବରିଆ ଭାବରେ ୧୭ଜୁନ ୧୮୫୮ରେ ଛତିଶ ଦେବିଲରେ ନିଜ ପରିବାର ଓ ଗ୍ରାମବାସୀଙ୍କ ସମ୍ମୁଖରେ ତାଙ୍କୁ ଫାଶୀ ଦିଆଯାଇଥିଲା । ସହିଦ ସଂଗ୍ରାମୀ ଶ୍ରୁତି ବିଶ୍ୱାଳଙ୍କୁ ଫାଶୀ ଦିଆଯାଇଥିବା ବୀରତ୍ୱର ମୂକ ସାକ୍ଷୀ ରହିଛି ଫାଶୀପଡିଆ । ରାଜ୍ୟ ସରକାରଙ୍କ ନିକଟରେ ସହିଦ ଶ୍ରୁତି ବିଶ୍ୱାଳଙ୍କ ସଂପର୍କରେ ତଥ୍ୟ ଅଛିକି ନାହିଁ, ଜଣା ନାହିଁ ମାତ୍ର ବରୀ ଅଂଚଳର ଛତିଶ ଦେବିଲ ଅଂଚଳରେ ବିଗତ ୧୬୫ ବର୍ଷ ହେଲା ଶେଷରଜ ପରଦିନ ଘର ଅରନ୍ଧା, ଅବଢା ରହେ ଓ ଲୋକ ଉପବାସ ପାଳନ କରନ୍ତି ।

*ଗୁରୁଗ୍ରାମ, ନୂଆଦିଲ୍ଲୀ ମୋ-*
*୭୮୨୭୧୭୩୨୬୯*

# ସପ୍ତମ ଗଳ୍ପ ଗଞ୍ଜାମ ଉତ୍ସବ ଅନୁଷ୍ଠିତ

ଗଞ୍ଜାମ : (ହି.ସ.)-ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ, ବ୍ରହ୍ମପୁର ତରଫରୁ ବର୍ଷ ୨୦୨୬ ନିମନ୍ତେ ‘ସପ୍ତମ ଗଳ୍ପ ଗଞ୍ଜାମ ଉତ୍ସବ’ ରେଭେନ୍ୟୁ ଡାକ ବଙ୍ଗଳା ସଭାଗୃହ ଠାରେ ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ବିଶିଷ୍ଟ ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବାବେଳେ ଡଃ. କବିତା ବାରିକ ମୁଖ୍ୟବକ୍ତା, ଡଃ. ସ୍ମୃତି ପଟ୍ଟନାୟକ ନିମନ୍ତ୍ରିତ ବକ୍ତା, ଦାମୋଦର ପାତ୍ର ଓ ଦେବେନ୍ଦ୍ର କୁମାର ବାଉରୀ ସମ୍ମାନୀତ ଅତିଥି ସହ ନିମନ୍ତ୍ରିତ ଅତିଥି ରୂପେ ବିଦେଶୀ ନାୟକ, ରବି ରଥ, ସୁଧାଂଶୁ ଶେଖର ସାହୁ, ହୃଷୀକେଶ ଗୌଡ, ପ୍ରତୀକ୍ଷା ଜେନା ଯୋଗ ଦେଇଥିଲେ । ଡଃ. ରାଜେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱ ଏବଂ ଭାଗୀରଥି ବେହେରାଙ୍କ ସଂଯୋଜନାରେ ମୟୂରଭଞ୍ଜ ଜିଲ୍ଲାର ବିଶିଷ୍ଟ ଲେଖିକା ଡଃ. କବିତା ବାରିକ ’କଥାକାର ସମ୍ମାନ ’, ଭଦ୍ରକରୁ ଗାଳ୍ପିକ ମେଜର ମନୋରଂଜନ ମହାନ୍ତି ଓ କେନ୍ଦୁଝରରୁ ଗାଳ୍ପିକା ସନ୍ତୋଷିନୀ ଗିରି ‘ଯୁବ ଗାଳ୍ପିକ ସମ୍ମାନ’, ଗଞ୍ଜାମର ଜିଲ୍ଲାର ଗାଳ୍ପିକା ସରୋଜିନୀ ’ ଗଳ୍ପ ପୁସ୍ତକ ସମ୍ମାନ’ରେ ସମ୍ମାନିତ ହେଲାବେଳେ ଗଞ୍ଜାମ ଜିଲ୍ଲାରୁ ଗାଳ୍ପିକ ତ୍ରିନାଥ ବେହେରା, ଅନୁଗୁଳରୁ ଗାଳ୍ପିକା ଭୁବନେଶ୍ୱରୀ ମିଶ୍ର, କୋରାପୁଟରୁ ଡଃ ସବିତା ଶତପଥୀ, କେନ୍ଦ୍ରାପଡାରୁ ଗାଳ୍ପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ, ଭୁବନେଶ୍ୱରରୁ ଗାଳ୍ପିକ ଦାମୋଦର ପାତ୍ର, ମାଲକାନଗିରିରୁ ଗାଳ୍ପିକ ପ୍ରଦୀପ ସରକାରଙ୍କୁ ‘ଗଳ୍ପ ପ୍ରତିଭା ସମ୍ମାନ’ ପ୍ରଦାନ କରାଗଲା । ଅତିଥି ମାନଙ୍କର କର କମଳରେ ଭଲ ଗଞ୍ଜାମ ୨୦୨୬ ସଂକଳନ ସହ ଭାଗୀରଥି ବେହେରାଙ୍କ ଗଳ୍ପ ସଂକଳନ ’ ଶୂନ୍ୟଗର୍ଭା ’, ଡଃ. ରାଜେନ୍ଦ୍ର କୁମାର ବେହେରାଙ୍କ ହିନ୍ଦୀ ଉପନ୍ୟାସ ’ ଏକ ନଦୀ ଭିତର ଭି ’, ଓ ଜ୍ୟୋସ୍ନା ରାଣୀ ଦେବୀଙ୍କ କବିତା ସଂକଳନ ’ ଜୀବନ ସଙ୍ଗୀତ ’ ଉନ୍ମୋଚନ ହେଲା । ଏହି ଉତ୍ସବକୁ ଆୟୋଜନ କରିବାରେ ସମ୍ପାଦକ ଧର୍ମାନନ୍ଦ ମହାରଣା, ଜୟନ୍ତୀ ବେହେରା, ସଂଧ୍ୟାରାଣୀ ଦେବୀ, ରବି ନାରାୟଣ ମିଶ୍ର ଆଦି ସହଯୋଗ କରିଥିଲେ ।

# ସହରାଂଚଳ ଜନସଂପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ

ଖୋର୍ଦ୍ଧା : (ହି.ସ.) ପୌରପରିଷଦ ଟାଉନ୍ ହଲ୍ ଠାରେ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା (ଡୁଡା) ଆନୁକୁଲ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ (ଡୁଡା) ଜ୍ୟୋତି ଶଙ୍କର ସାହୁଙ୍କ ଅଧ୍ୟାତାରେ ସହରାଂଚଳ ଜନ ସଂପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ଖୋର୍ଦ୍ଧା ପୌର ପରିଷଦର ଅଧ୍ୟା କନକ ଲକ୍ଷ୍ମୀ ମହାନ୍ତି, ଜଟଣୀ ପୌର ପରିଷଦର ଅଧ୍ୟା ଅନନ୍ତ ବେହେରା, ବାଣପୁର ବିଜ୍ଞାପିତ ଅଂଚଳ ପରିଷଦ, ଅଧ୍ୟା ମିଟୁ ନାୟକ, ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟା ସୁକାନ୍ତି ପାଇକରାୟ, ଖୋର୍ଦ୍ଧା ପୌର ପରିଷଦ ଉପାଧ୍ୟା ସୌର୍ଯ୍ୟ ରଞ୍ଜନ ମହାନ୍ତି, ବାଣପୁର ବିଜ୍ଞାପିତ ଅଂଚଳ ପରିଷଦ ଉପାଧ୍ୟା ପ୍ରାଚୀ ପ୍ରଭା ସ୍ୱାଇଁ, ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ଉପାଧ୍ୟା ଭଗବାନ ପ୍ରଧାନ, ସହ ନିର୍ଦ୍ଦେଶିକା, ରାଜ୍ୟ କାର୍ଯ୍ୟକ୍ରମ, ଜନାଗ୍ରହ, ପ୍ରଣତି ଦାସ, ଦଳ ମୁଖ୍ୟ ଟାଟା ଷ୍କିଲ ଫାଉଣ୍ଡେସନ, ଶିଶିର ରଂଜନ ଦାଶ, ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା ପୌର ପରିଷଦ, କାବେରୀ ମୁଦୁଲି, ନିର୍ବାହୀ ଅଧିକାରୀ, ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ, ପ୍ରାଣ ନାଥ ସେଠ ଏବଂ ବାଣପୁର ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀ ସ୍ମୃତି ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ । କାର୍ଯ୍ୟକ୍ରମ ସମାରୋହ ଅଧ୍ୟା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ (ଡୁଡା) ଜ୍ୟୋତି ଶଙ୍କର ସାହୁ ନିଜ ସ୍ୱାଗତ ଭାଷଣ ପୂର୍ବକ ଉଦବୋଧନରେ କହିଲେ ଖୋର୍ଦ୍ଧାର ସହରାଂଚଳ ବିକାଶ ଦ୍ରୁତ ଗତିରେ ଆଗେଇ ଚାଲିଛି । ଜିଲ୍ଲାରେ ଖୋର୍ଦ୍ଧା ଓ ଜଟଣୀ ଦୁଇଗୋଟି ପୌର ପରିଷଦ ଥିବାବେଳେ ଦୁଇଗୋଟି ବିଜ୍ଞାପିତ ଅଂଚଳ ବାଲୁଗାଁ ଓ ବାଣପୁର ସେହିପରି ଟାଙ୍ଗୀ କୁ ମଧ୍ୟ ସରକାର ବିଜ୍ଞାପିତ ଅଂଚଳ ପରିଷଦ ଭାବେ ଘୋଷଣା କରିଛନ୍ତି । ରାଜ୍ୟ ସରକାରଙ୍କର ଦୁଇ ବର୍ଷ ପୂର୍ତିରେ ଅନେକ ସହରାଂଚଳ ଯୋଜନା ପ୍ରଣୀତ ହୋଇଛି । ସକାରାତ୍ମକ ଚିନ୍ତାଧାରା ରଖି ପ୍ରତ୍ୟେକ ପାରିଷଦ ନିଜ ନିଜ ୱାର୍ଡ ପାଇଁ କି କି ଆବଶ୍ୟକତା ଅଛି ଭିଜନ ତିଆରି କରି ଏହାକୁ ନିଷ୍ପାର ସହ କାର୍ଯ୍ୟ କରିପାରିଲେ ବିକଶିତ ଓଡ଼ିଶା ଗଠନ ରେ ସମସ୍ତ ସହରାଂଚଳ ଅଧିକରୁ ଅଧିକ ବେଗରେ ବିକାଶ ହେବା ବୋଲି ଆହ୍ୱାନ ଦେଇ ଥିଲେ । ସେହିପରି ସହ ନିର୍ଦ୍ଦେଶିକା, ରାଜ୍ୟ କାର୍ଯ୍ୟ କ୍ରମ, ଜନାଗ୍ରହ୍ ପ୍ରଣତି ଦାସ ସହରାଂଚଳ ବିକାଶରେ କାଉଁସିଲର, ଠାରୁ ଆରମ୍ଭ କରି ଅଧ୍ୟା ଅଧ୍ୟା ମାନଙ୍କର କି ଦାୟିତ୍ୱ ଅଛି ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଶ୍ରୀମତୀ ଦାସ କହିଲେ ସମ୍ବିଧାନର ୭୪ ତମ ସଂଶୋଧନ ରେ ଉନ୍ନତ ।ମତା ଆସିଲା । ୱାର୍ଡ ସଭ୍ୟ ସଭ୍ୟା ମାନେ ୱାର୍ଡରେ କମିଟି ସଭାକରି ୱାର୍ଡ ର ପଂଚ ବାର୍ଷିକ ଖସଡ଼ା ପ୍ରସ୍ତୁତ କରିବେ । ବର୍ତମାନ ଓଡ଼ିଶା ରେ ସହରାଂଚଳ ଶତକଡା ୨୦ ଥିବାବେଳେ ବିକଶିତ ଓଡ଼ିଶା ୨୦୩୬ ରେ ଏହାକୁ ଶତକଡା ୪୦ ଏବଂ ବିକଶିତ ଭାରତ ୨୦୪୭ ସୁଦ୍ଧା ଏହାକୁ ଶତକଡ଼ା ୬୦ ରେ ପହଂଚାଇବାକୁ ସରକାର ସର୍ବସ୍ତରରୁ କିକି ଆବଶ୍ୟକତା ଅଛି ତାହାର ଭିଜନ ଡକ୍ୟୁମେଂଟ ତିଆରି କରିବା ଓ ସଂଗ୍ରହ କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି ଯାହା ୱାର୍ଡ ସଭ୍ୟ ସଭ୍ୟା ନିଷ୍ଠାପର ଭାବେ କାର୍ଯ୍ୟ ନିର୍ବାହ କରିବାକୁ ଆହ୍ୱାନ ଦେଇଥିଲେ । ସେହିପରି ମଂଚାସିନ ପୌର ପରିଷଦ ଓ ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟା ଅଧ୍ୟା ମାନେ ସହରାଂଚଳ ବିକାଶ ଦିଗରେ ନିଜ ନିଜ ର ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା ପୌର ପରିଷଦ, କାବେରୀ ମୁଦୁଲି ଧନ୍ୟବାଦ ପ୍ରଦାନ କରିଥିଲେ । ମଂଚ ସଂଯୋଜନା ସହରାଂଚଳ ଉନ୍ନୟନ ସଂସ୍ଥା, କର୍ମକର୍ତା ନାରାୟଣ ଜେନା ସମ୍ପାଦନ କରିଥିଲେ । ଅଧିବେଶନରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ସମସ୍ତ କାଉଁସିଲର,ଜନପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଭାଗ ନେଇ ଥିଲେ ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ୬୫ ୟୁନିଟ୍ ରକ୍ତ ସଂଗ୍ରହ

କନ୍ଧମାଳ : (ହି.ସ.)- ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଆଜି ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଇଛି । ଏହି ଅବସରରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାଲିଗୁଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ‘ବିପଦର ବନ୍ଧୁ‘ ର ସମସ୍ତ ସଦସ୍ୟ, ସଦସ୍ୟା ପୂର୍ଣ୍ଣ ସହଯୋଗ କରିବା ସହ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ସ୍ଥାନୀୟ ବିଏସ୍‌ଏଫ ଜବାନ, ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର, କର୍ମଚାରୀଙ୍କ ସମେତ ଅଂଚଳର ବହୁ ଯୁବକ ଯୁବତୀ ଏଥିରେ ସାମିଲ ହୋଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏହି ଶିବିରରେ ସମୁଦାୟ ୬୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଜଣାପଡ଼ିଛି । ସବୁବେଳେ ଆବଶ୍ୟକ ରୋଗୀଙ୍କୁ ରକ୍ତଦାନ କରି ଲୋକଙ୍କ ଜୀବନ ବଂଚାଉଥିବା ବିପଦର ବନ୍ଧୁ ସଙ୍ଗଠନର ସଦସ୍ୟ, ସଦସ୍ୟାମାନଙ୍କୁ ଉତ୍ସାହିତ କରିବା ପାଇଁ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ସମ୍ମାନିତ କରିବା ସହ ମାନପତ୍ର ଦିଆଯାଇଛି । ସେପଟେ ଆସେ ଯେଉଁଭଳି ରୋଗୀ ସେବାରେ ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ସହଯୋଗ କରୁଛୁ ଏବଂ ଆବଶ୍ୟକ ରୋଗୀଙ୍କୁ ରକ୍ତଦାନ କରିଆସୁଛୁ ଏହି ସହଯୋଗ ଆଗାମୀ ଦିନରେ ମଧ୍ୟ ଯାରି ରହିବ ବୋଲି କହିଛନ୍ତି ବିପଦର ବନ୍ଧୁ ସଙ୍ଗଠନର ସଦସ୍ୟ ସୁନିଲ୍ ପାତ୍ର ଓ ସଦସ୍ୟା ତେଜସ୍ୱିନି ନାୟକ ।

# ସାମ୍ପ୍ରତିକ ସମାଜରେ ମାନବୀୟ ମୂଲ୍ୟବୋଧ ଶୀର୍ଷକ ଆଲୋଚନାଚକ୍ର, ମାସିକ ରଚନା ସନ୍ଧ୍ୟା

ବଲାଙ୍ଗୀର : (ହି.ସ.) – ସାମ୍ପ୍ରତିକ ସମାଜରେ ମଣିଷଙ୍କ ଭିତରେ ମାନବିକତା କମି କମି ଆସୁଥିଲେ ମଧ୍ୟ ମଣିଷ ସମାଜରୁ ଏହା ସମ୍ପୂର୍ଣ୍ଣ ରୂପେ ଲୋପ ପାଇନାହିଁ କ୍ଷ ପ୍ରଥମେ ପରିବାରରୁ ଶିଶୁମାନଙ୍କ ଭିତରେ ନୈତିକ ଓ ମୂଲ୍ୟବୋଧ ଶିକ୍ଷା ପାଇଁ ପିତାମାତା ଯତ୍ନବାନ ହେଲେ ଆଗାମୀ ଦିନରେ ଆମେ ଏକ ଶୃଙ୍ଖଳିତ ଓ ନୀତିନିଷ୍ଠ ସମାଜ ଗଠନ କରିପାରିବା । ବନ୍ୟଜନ୍ତୁମାନେ ନିଜ ପ୍ରଜାତିର ଜୀବମାନଙ୍କୁ ନଷ୍ଟ କରିବା ପାଇଁ କୌଣସି ଅସ୍ତ୍ର ପ୍ରସ୍ତୁତ କରୁ ନ ଥିବା ବେଳେ ମଣିଷ କାହିଁକି ମଣିଷମାନଙ୍କୁ ହତ୍ୟା କରିବା ପାଇଁ ଅସ୍ତ୍ର ଓ ଅନ୍ୟାନ୍ୟ ବିନାଶକାରୀ ବିକଳ୍ପ ପ୍ରସ୍ତୁତି ସହିତ ତାହାର ନିଷ୍ଠୁର ପ୍ରୟୋଗ କରୁଛି, ତାହା ଚିନ୍ତାର ବିଷୟ । ବଲାଙ୍ଗୀରର ଅଗ୍ରଣୀ ସାହିତ୍ୟିକ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ’ରଚନା’ର ’ମାସିକ ରଚନା ସନ୍ଧ୍ୟା’ କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି କ୍ଷ ସ୍ଥାନୀୟ ସଂସ୍କୃତି ଭବନ ସଭାକକ୍ଷରେ ‘ସାମ୍ପ୍ରତିକ ସମାଜରେ ମାନବୀୟ ମୂଲ୍ୟବୋଧ‘ ଶୀର୍ଷକ ଆଲୋଚନାଚକ୍ରରେ ଅତିଥି ବକ୍ତା ଭାବରେ ପ୍ରମେୟ କେବିକେ ସଂସ୍କରଣ ମୁଖ୍ୟ ଅଖିଳ ଚନ୍ଦ୍ର ହୋତା, ଡାକ୍ତର ଲକ୍ଷ୍ମୀପ୍ରିୟା ସେଠୀ ଏବଂ ଯୁବ ପ୍ରତିଭା ବିନ୍ଦିଆ ବେହେରା, ପ୍ରୟାଗ ନାୟକ ଓ ଅନ୍ୱେଷା ହୋତା ଯୋଗଦେଇ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ସମ୍ପ୍ରତି ମଣିଷ ଯେତେ ଶିକ୍ଷିତ ହେଉଛି ତା ଭିତରେ ମାନବିକତା ସେତେ ଲୋପ ପାଉଛି । ରାସ୍ତାରେ ଦୁର୍ଘଟଣାଟିଏ ହେଲେ ଲୋକେ ରିଲସ ବନାଇବାରେ ବ୍ୟସ୍ତ କିନ୍ତୁ ସାହାଯ୍ୟର ହାତଟିଏ ଆଗେଇ ଆସୁ ନାହିଁ । ପ୍ରାଚୀନ କାଳରେ ମଧ୍ୟ ମାନବିକତାର ଅବକ୍ଷୟ ହୋଇଥିଲା, କିନ୍ତୁ ପୁଣି ଆମ ଦେଶର ମହାମନୀଷୀମାନେ ଏହାର ପୁନଃ ସ୍ଥାପନ କରିଥିଲେ । ଏବେ ସମୟ ଆସିଛି ସମାଜରୁ ହଜିଯାଉଥିବା ମାନବିକତାକୁ ମଣିଷ ଭିତରେ ପୁଣି ଫେରେଇ ଆଣିବା ପାଇଁ ଆମେ ଆଶାବାଦୀ ହେବା ଏବଂ ଏଥିପାଇଁ ଆମେ କାହାକୁ ଆହ୍ୱାନ ନଦେଇ ନିଜେ ଆଗେଇ ଆସିବା ଉଚିତ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ପରେ ପରେ ଅନୁଷ୍ଠିତ ଭାବ ବିନିମୟ କାର୍ଯ୍ୟକ୍ରମରେ ଜିଲ୍ଲା ପାଠାଗାରରେ ଉପସ୍ଥିତ ପାଠକପାଠିକାମାନଙ୍କ ମଧ୍ୟରୁ ଜିତେନ୍ଦ୍ର ଛତ୍ରିଆ ଓ ପିଙ୍କି ବାଗ ନିଜସ୍ୱ ମତ ରଖିଥିଲେ । ‘ରଚନା’ର ସଦସ୍ୟା ଶ୍ରୀମତୀ କସ୍ତୁରୀ ରଥ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଏବଂ ସହସମ୍ପାଦକ ରତ୍ନମୟ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଆଲୋଚନାଚକ୍ରରେ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ସାମ୍ବାଦିକ ଓ ଯୁବପିଢ଼ି ଉପସ୍ଥିତ ଥିଲେ ।

# ସର୍ବସାଧାରଣଙ୍କ ସରକାରୀ ନଳକୂପରୁ ହଟିଲା ଆବନ୍ଧ

ସମ୍ବଲପୁର : (ହି.ସ.) ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଅନ୍ତର୍ଗତ ଟିକିଲିପଡା ପଂଚାୟତ ଅଧିନ ସାଲେଭାଡି ଗ୍ରାମର ୬ ନମ୍ବର୍ ୱାର୍ଡରେ ଥିବା ସରକାରୀ ନଳକୂପରୁ ଆଜି ଜମନକିରା ବିଡ଼ିଓ ଜବରଦଖଲ ଆବନ୍ଧ ହଠାଇ ଦେଇଛନ୍ତି । ସୂଚନାନୁଯାୟୀ ବ୍ଲକର ବିଭିନ୍ନ ଗ୍ରାମର ଜନସଂଖ୍ୟା ଆଧାରରେ ସରକାରଙ୍କ ପକ୍ଷରୁ ବିଭିନ୍ନ ୱାର୍ଡରେ ନଳକୂପ ଯୋଗାଯାଇଛି । ସାଲେଭାଡି ଗ୍ରାମର ୬ ନମ୍ବର ୱାର୍ଡ ମେମ୍ବରଙ୍କ ଘର ନିକଟରେ ବସାଯାଇଥିବା ନଳକୂପରୁ ପାଣିର ସ୍ରୋତ ଅତି ମନ୍ଥର ଥିବାରୁ ୱାର୍ଡ ମେମ୍ବର ଜଣଙ୍କ ନିଜ ପଇସାରେ ଏହି ନଳକୂପରେ ଏକ ମୋଟର ଲଗାଇ ଥିଲେ । ଫଳରେ ପାଣିର ସ୍ରୋତ ପ୍ରଖର ହେବା ସହ ୱାର୍ଡ ବାସିନ୍ଦା ଖୁସିରେ ପାଣି ନେଉଥିଲେ । ହେଲେ ’ମୁଁ ପଇସା ଖର୍ଚ୍ଚ କରି ମୋଟର ଲଗାଇବି, ଅନ୍ୟକେହି ସୁବିଧା ନେବ’ ମାନସିକତାରେ ଅତିଷ୍ଠ ହୋଇ ୱାର୍ଡ ମେମ୍ବର ଜଣଙ୍କ ଏହି ନଳକୂପକୁ ନିଜ ଦଖଲରେ ରଖିବା ସଦୃଶ୍ୟ ବାଉଁଶ ଓ କନାରେ ଏହାକୁ ଆବନ୍ଧ କରି ଅନ୍ୟମାନଙ୍କ ପାଇଁ କଟକଣା ଜାରି କରିଥିଲେ । ଫଳରେ ଆଖପାଖରୁ ପାନୀୟ ଜଳ ମିଳିବାରେ ଅସମ୍ଭବତାକୁ ଦୃଷ୍ଟିରେ ରଖି ୱାର୍ଡ ବାସିନ୍ଦା ଘଟଣା ସମ୍ପର୍କରେ ଜମନକିରା ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ । ପଂଚାୟତ ଉନ୍ନୟନ ଅଧିକାରୀଙ୍କ ରିପୋର୍ଟ ଆଧାରରେ ଆଜି ପ୍ରଶାସନ ଏହି ନଳକୂପ ଚତୁଃପାର୍ଶ୍ୱରୁ କନା ଓ ବାଉଁଶକୁ ଓପାଡି ନଳକୂପକୁ ସର୍ବସାଧାରଣଙ୍କ ପାଇଁ ଉତ୍ସର୍ଗ କରିଛନ୍ତି ।

# ପଣ୍ଡିତ ନେହରୁଙ୍କ ଭାରତରୁ ମୋଦୀଜୀଙ୍କ ଭାରତ ପର୍ଯ୍ୟନ୍ତ


ହରଦୀପ ସିଂହ ପୁରୀ

ଜୁନ୍ ୧୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମ ଇତିହାସରେ ସବୁଠାରୁ ଦୀର୍ଘ ସମୟ ଧରି କ୍ରମାଗତ ଭାବରେ ସେବା ପ୍ରଦାନ କରିଥିବା ଗଣତାନ୍ତ୍ରିକ ଭାବେ ନିର୍ବାଚିତ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ଏହି ମଧ୍ୟବର୍ତ୍ତୀ ସମୟର ଅଧିକାଂଶ ଯାତ୍ରାରେ ଭାରତୀୟ ଶାସନ ବ୍ୟବସ୍ଥାରେ ସେବା କରିଥିବା ହେତୁ ମୁଁ କହିପାରିବି ଯେ, ଏହି ସଫଳତା କେବଳ କାର୍ଯ୍ୟକାଳର ସମୟସୀମା ମଧ୍ୟରେ ସୀମିତ ନୁହେଁ । ବରଂ, ଏହି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ମାଧ୍ୟମରେ ଦେଶ ପାଇଁ କଣ ସବୁ କାର୍ଯ୍ୟ ହାସଲ କରାଯାଇପାରିଛି, ତାହା ହିଁ ପ୍ରକୃତ ସଫଳତା ଅଟେ । ୧୦ ଜୁନ୍ ୨୦୨୦ରେ, ମୋଦୀ ଜୀ କାର୍ଯ୍ୟାଳୟରେ ତାଙ୍କର ୪,୩୯୯ତମ କ୍ରମାଗତ ଦିନ ପୂରଣ କରିଛନ୍ତି, ଯାହା ପଣ୍ଡିତ ଜବାହରଲାଲ ନେହେରୁ ୧୯୫୨ରେ ତାଙ୍କର ପ୍ରଥମ ନିର୍ବାଚିତ ସରକାରଠାରୁ ଆରମ୍ଭ କରି ୧୯୬୪ରେ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ସେବା କରିଥିବା ସମୟଠାରୁ ଗୋଟିଏ ଦିନ ଅଧିକ ଅଟେ । ଏହି ସର୍ତ୍ତ ବା ବିଶେଷତାକୁ ମନେ ରଖିବା ଜରୁରୀ, କାରଣ ୧୯୪୭ ମସିହାରୁ ହିସାବ କଲେ, ପଣ୍ଡିତ ନେହେରୁ ଏବେ ମଧ୍ୟ ସବୁଠାରୁ ଦୀର୍ଘତମ ଅଖଣ୍ଡ କାର୍ଯ୍ୟକାଳର ରେକର୍ଡ ବଜାୟ ରଖିଛନ୍ତି । ମୋଦୀ ଜୀ ଯେଉଁ ସୀମା ଅତିକ୍ରମ କରିଛନ୍ତି, ତାହା ହେଉଛି ପ୍ରଜାତନ୍ତ୍ରର ଇତିହାସରେ ଜଣେ ନିର୍ବାଚିତ ସରକାରୀ ମୁଖ୍ୟଙ୍କ ସବୁଠାରୁ ଦୀର୍ଘତମ କ୍ରମାଗତ କାର୍ଯ୍ୟକାଳ । ମୁଁ ମୋର କାର୍ଯ୍ୟକାଳ ସେହି ଦୁଇଟି ତାରିଖ ମଧ୍ୟରେ ଥିବା ଶାସନ ବ୍ୟବସ୍ଥା ମଧ୍ୟରେ ଅତିବାହିତ କରିଛି, ଏବଂ ଏହି ମାଇଲଖୁଂଟ ମୋତେ ଏହାର ଗାଣିତିକ ସଂଖ୍ୟା ଅପେକ୍ଷା ଏହା ମାଧ୍ୟମରେ କଣ ମାପ କରାଯାଇ ପାରିବ, ସେଥିପାଇଁ ଅଧିକ ଆକର୍ଷିତ କରୁଛି । ପଣ୍ଡିତ ଦୀନଦୟାଳ ଉପାଧ୍ୟାୟ ଶିକ୍ଷା ଦେଇଥିଲେ ଯେ, ଏକ ସରକାରଙ୍କୁ ଏହି ଆଧାରରେ ବିଚାର କରାଯିବା ଉଚିତ ଯେ ଧାଡ଼ିର ଶେଷ ବ୍ୟକ୍ତିଙ୍କ ପାଖରେ କଣ ପହଂଚୁଛି, ଅର୍ଥାତ 'ଅନ୍ତ୍ୟୋଦୟ' ଦ୍ୱାରା । ପଣ୍ଡିତ ନେହେରୁଙ୍କ ଭାରତ ଠାରୁ ମୋଦୀ ଜୀଙ୍କ ଭାରତର ଦୂରତ୍ୱ ହେଉଛି ସେହି ଶେଷ ବ୍ୟକ୍ତିଜଣକ ଅତିକ୍ରମ କରିଥିବା ଯାତ୍ରାର ଦୂରତ୍ୱ । ପଣ୍ଡିତ ନେହେରୁ ଉତରାଧିକାରୀ ସୂତ୍ରେ ଯାହା ପାଇଥିଲେ ତାହା ସହିତ ଏକ ନିରପେକ୍ଷର କାହାଣୀ ଆରମ୍ଭ ହୁଏ । ସେ ଇତିହାସର ବଳପୂର୍ବକ ବିଭାଜିତ ହୋଇଥିବା ଏବଂ ସର୍ବାଧିକ ଜନ ସ୍ଥାନାନ୍ତରଣ ଦ୍ୱାରା କ୍ଷତାକ୍ତ ଏକ ବିଭାଜିତ ଉପମହାଦେଶ, ଦୁଇ ଶତାବ୍ଦୀର ଉପନିବେଶବାଦୀ ଶାସନ ଦ୍ୱାରା ଶୁଷ୍କ ହୋଇଥିବା ଏକ ଅର୍ଥନୀତି, ମାତ୍ର ପାଂଚ ଜଣରୁ ମାତ୍ର ଜଣେ ପଢ଼ିପାରୁଥିବା ଏକ ଜନସଂଖ୍ୟା ତିରିଶ ଦଶକର ପ୍ରାରମ୍ଭରେ ଉତରାଧିକାରୀ ଭାବରେ ପାଇଥିଲେ । ସେହି ଉତରାଧିକାରରୁ ସେ ଏକ ସାମ୍ବିଧାନିକ ଗଣତନ୍ତ୍ର ଗଢ଼ିଥିଲେ ଯାହା ଧୀରେ ଧୀରେ ଚେର ଧରିଥିଲା, ଯେତେବେଳେ କି ବିଶ୍ୱର ଅନ୍ୟ ଭାଗରେ ଗୋଟିଏ ପରେ ଗୋଟିଏ ନୂତନ ସ୍ୱାଧୀନ ରାଷ୍ଟ୍ର ଜଣେ ସାମରିକ ଜେନେରାଲ କିମ୍ବା ଶକ୍ତିଶାଳୀ ବ୍ୟକ୍ତିଙ୍କ ହାତକୁ ଖସି ଯାଇଥିଲା । ଯୋଜନା କମିଶନ ଦିଶା ନିର୍ଦ୍ଦେଶ ନିର୍ଦ୍ଧାରଣ କରିଥିଲା, ସରକାରୀ କ୍ଷେତ୍ର କମାଣ୍ଡିଂ ଶୀର୍ଷ ଧରିଥିଲା ଏବଂ ଲାଇସେନ୍ସର ଏକ ବ୍ୟବସ୍ଥା ସ୍ଥିର କରିଥିଲା ଯେ କିଏ କ'ଣ ଉତ୍ପାଦନ କରାଯିବ । ବିଶ୍ୱବିଦ୍ୟାଳୟ, ପ୍ରୟୋଗଶାଳା, ପରମାଣୁ ଏବଂ ମହାକାଶ କାର୍ଯ୍ୟକ୍ରମ, ଇସ୍ପାତ ସହର: ସ୍ୱାଧୀନ ଭାରତର ସାଂସ୍ଥାଗତ ମେରୁଦଣ୍ଡ ସେହି ବର୍ଷଗୁଡ଼ିକରେ ସ୍ଥାପିତ ହୋଇଥିଲା । ମୁଁ ୧୯୭୪ ମସିହାରେ ବୈଦେଶିକ ସେବାରେ ଯୋଗ ଦେଇଥିଲି ଏବଂ ମୁଁ ଯେଉଁ ଭାରତକୁ ପ୍ରତିନିଧିତ୍ୱ କରୁଥିଲି ତାହା ଏକ ଗମ୍ଭୀର ଦେଶ ଥିଲା ଯାହା ତା'ର ଯନ୍ତ୍ରପାତି ଅନୁମତି ଅନୁସାରେ ଏବଂ ମର୍ଯ୍ୟାଦା ସହିତ ଅଭାବକୁ ପରିଚାଳନା କରିବାକୁ ଚୟନ କରିଥିଲା । ମୁଁ ଯେତେବେଳେ ଚାକିରିର ମଧ୍ୟଭାଗ (ମିଡ୍ କ୍ୟାରିଅର)ର ଜଣେ ଅଧିକାରୀ ହୋଇଥିଲି ସେତେବେଳେ ସେହି ସମାଧାନର ମୂଲ୍ୟ ଦୃଶ୍ୟମାନ ହୋଇଥିଲା । ରାଜ୍ୟ ବଂଟନ କରିବା ଶିଖିଥିଲା, କିନ୍ତୁ ଏହା କିପରି ପ୍ରଦାନ କରିବା ଶିଖି ନଥିଲା । ଦିଲ୍ଲୀରେ ଘୋଷଣା କରାଯାଇଥିବା ଏକ ଯୋଜନା ଏବଂ ଏକ ଗାଁରେ ପାଇଥିବା ଲାଭ ମଧ୍ୟରେ ଯଥେଷ୍ଟ ଦୂରତା ଥିଲା ଯେଉଁଠାରେ ବିକାଶ ଯୋଜନାର ଟଙ୍କା ଉଭାନ ହୋଇଯାଉଥିଲା । ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ନିଜସ୍ୱ ସ୍ୱୀକାରୋକ୍ତି ଅନୁସାରେ - ପ୍ରତ୍ୟେକ ଟଙ୍କାର ପନ୍ଦର ପଇସା ଗରିବଙ୍କ ପାଖରେ ପହଂଚେ, ଏହା ସେତେବେଳେ ପ୍ରଚଳିତ ମଡେଲ ଉପରେ ଏକ ମନ୍ତବ୍ୟ ଥିଲା । ରାଜ୍ୟ ଯୋଜନା କରିପାରିବ, କିନ୍ତୁ ଏହା ହିତଧାରକମାନଙ୍କ ନିକଟରେ ପହଁଚିପାରିବ ନାହିଁ । ୨୦୧୪ ମସିହାରେ ମୋଦୀଜୀଙ୍କ ଉତରାଧିକାର ସମାନ ସଚ୍ଚୋଟ ହିସାବ ପାଇବା ଉଚିତ ବୋଲି ଚିନ୍ତା କରିଥିଲା । ସେ ଏପରି ଏକ ଅର୍ଥନୀତିର ଦାୟିତ୍ୱ ନେଇଥିଲେ ଯାହାର ବଜାରଗୁଡ଼ିକ 'ଫ୍ରାଜାଇଲ୍ ଫାଇଭ୍' ମାନ୍ୟତା ଅର୍ଜନ କରିଥିଲେ, ଅଟକି ରହିଥିବା ପ୍ରକଳ୍ପ, ସ୍ମୃତିରେ ତାଜା ଦୁଇ ଅଙ୍କ ବିଶିଷ୍ଟ ମୁଦ୍ରାସ୍ଫୀତି ଏବଂ ରାଜ୍ୟରେ ସାଧାରଣ ବିଶ୍ୱାସକୁ ନଷ୍ଟ କରିଥିବା ଦୁର୍ନୀତି ଦ୍ୱାରା ଭାରାକ୍ରାନ୍ତ ଅବସ୍ଥାରେ ରହିଥିଲା । ତାଙ୍କର ଉତର ସମ୍ପୂର୍ଣ୍ଣ ଭିନ୍ନ ବ୍ୟବସ୍ଥା ଥିଲା । ଯୋଜନା କମିଶନ ନୀତି ଆୟୋଗକୁ ମାର୍ଗ ପ୍ରଦର୍ଶନ କରେ, ଯାହା ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେବା ପରିବର୍ତ୍ତେ ସେସବୁର ସମାଧାନ କରିଥାଏ । ପରିଚୟ ପତ୍ର, ବ୍ୟାଙ୍କ ଆକାଉଂଟ ଏବଂ ଏକ ମୋବାଇଲ୍ ଫୋନ୍ ଗୋଟିଏ ସ୍ତରରେ ଯୋଡା ଯାଇଥିଲା, ଏବଂ ସରକାର ଦୀର୍ଘ ଚାରି ଦଶନ୍ଧି ଧରି ମଧ୍ୟସ୍ଥି କରି ଆସୁଥିବା ଲୋକଙ୍କ ମାଧ୍ୟମରେ ନୁହେଁ ବରଂ ସିଧାସଳଖ ନାଗରିକମାନଙ୍କୁ ଦେୟ ଦେବା ଆରମ୍ଭ କରିଥିଲେ । ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଏକ ନିର୍ଣ୍ଣାୟକ ସାଧନ ପାଇଁ ଏକ ସରଳ ମାର୍ଗ ଉନ୍ମୋଚନ କରିଥିଲା । ଏହା ଶାସନ ବ୍ୟବସ୍ଥାର ପରୀକ୍ଷଣକୁ ଉଦ୍ଦେଶ୍ୟ ଠାରୁ ହିତଧାରକଙ୍କ ଗ୍ରହଣ ପର୍ଯ୍ୟନ୍ତ ପହଂଚାଇଥିଲା । ଏହା ପରେ ରାଜ୍ୟକୁ ଏକ ମଂଚ ଭାବରେ ପୁନଃ ନିର୍ଦ୍ଧାରଣ କରାଯାଇଥିଲା । ଭାରତର ସାର୍ବଜନୀନ ଡିଜିଟାଲ୍ ରେଳ, ଏକକ ପରିଚୟ ପ୍ରଣାଳୀ ଯାହା ମହାଦେଶୀୟ ସ୍ତରରେ କାର୍ଯ୍ୟ କରେ ଏବଂ ଏକ ପେମେଂଟ ନେଟୱାର୍କ ଯାହା ଉପରେ ସମଗ୍ର ବିଶ୍ୱ ବର୍ତ୍ତମାନ ଅଧ୍ୟୟନ କରୁଛି । ପଚାଶ କୋଟିରୁ ଅଧିକ ଜନଧନ ଆକାଉଂଟ୍ ଏପରି ପରିବାରମାନଙ୍କ ନିମନ୍ତେ ଖୋଲାଯାଇଛି ଯେଉଁମାନଙ୍କ ନିମନ୍ତେ ଆନୁଷ୍ଠାନିକ ବ୍ୟାଙ୍କିଂ ବ୍ୟବସ୍ଥା ପୂର୍ବରୁ କେବେ ପହଂଚି ନଥିଲା । ନୀତି ଆୟୋଗର ଆକଳନ ଅନୁଯାୟୀ, ବିଗତ ଏକ ଦଶନ୍ଧି ମଧ୍ୟରେ ପ୍ରାୟ ପଚିଶ କୋଟି ଭାରତୀୟ ବିବିଧସ୍ତରୀୟ ଦାରିଦ୍ର୍ୟରୁ ବାହାରିବାକୁ ସକ୍ଷମ ହୋଇଛନ୍ତି ଏବଂ ବଜାରଗୁଡ଼ିକ ଯେଉଁ ଅର୍ଥନୀତିକୁ ସଂରଚନା କରିଛି ତାହା ବର୍ତ୍ତମାନ ଅନ୍ୟ ଯେକୌଣସି ପ୍ରମୁଖ ଅର୍ଥନୀତି ଅପେକ୍ଷା ଦ୍ରୁତ ଗତିରେ ଆଗକୁ ଅଭିବୃଦ୍ଧି ପଥରେ ଧାବମାନ । ଯେଉଁ ରାଷ୍ଟ୍ର ଥରେ ନାଗରିକ ଏବଂ ନାଗରିକମାନଙ୍କ ଆବଶ୍ୟକ ସାମଗ୍ରୀ ମଧ୍ୟରେ ଉଭା ହୋଇଥିଲା ତାହା ଏବେ ଅତ୍ୟାଧୁନିକ ସଡ଼କ ନିର୍ମାଣ କରୁଛି ଏବଂ ପ୍ରଗତି ପଥରେ ଠିଆ ହୋଇଛି । ଏହା ହେଉଛି ଭାରତ ଉଚ୍ଚାରଣ ପଛରେ ଥିବା ଫଳଶ୍ରୁତି । ମୁଁ ଯେଉଁ କାର୍ଯ୍ୟାଳୟରେ ଥାଏ ନା କାହିଁକି ସେଠାରୁ ମୁଁ ଏହାର ଗୋଟିଏ କୋଣରେ କଥା ହୋଇପାରୁଛି । ୨୦୧୪ ମସିହାରେ ଆମର ପେଟ୍ରୋଲରେ ଇଥାନଲ୍ ମିଶ୍ରଣର ମାତ୍ରା ମାତ୍ର ୧.୫୩ ପ୍ରତିଶତ ଥିଲା । ଚଳିତ ବର୍ଷ ଆମେ କୋଡ଼ିଏ ପ୍ରତିଶତରେ ପହଂଚିଛୁ, ଯାହା ପୂର୍ବରୁ ୨୦୩୦ ପାଇଁ ଧାର୍ଯ୍ୟ କରାଯାଇଥିଲା ଏବଂ ବିଗତ ଅର୍ଦ୍ଧ ଦଶନ୍ଧି ପୂର୍ବରୁ ସେହି ଲକ୍ଷ୍ୟ ପୂରଣ ହୋଇପାରିଛି ଏବଂ ଦେଶରୁ ଅଶୋଧିତ ତେଲ କ୍ରୟ ନିମନ୍ତେ ଯେଉଁ ଟଙ୍କା ବାହାରକୁ ଯାଇଥିଲା ତାହା ଏବେ ଚାଷୀମାନଙ୍କ ନିକଟରେ ପହଁଚୁଛି, ଯିଏ ଏବେ ଜଣେ ଉର୍ଜାଦାତା, ଶକ୍ତି ଯୋଗାଣକାରୀ ଏବଂ ଆମକୁ ଖାଦ୍ୟ ଦେଉଥିବା ଅନ୍ନଦାତା ଭାବରେ ଆମ ନିକଟରେ ଉଭା ହୋଇପାରିଛନ୍ତି । ବିଗତ ବାର ବର୍ଷ ମଧ୍ୟରେ ଉଜ୍ଜ୍ୱଳା ଯୋଜନା ପ୍ରଥମ ଥର ପାଇଁ ଦଶ କୋଟିରୁ ଅଧିକ ଗରିବ ପରିବାରକୁ ରନ୍ଧନ ଗ୍ୟାସ ଯୋଗାଇ ପାରିଛି, ଯେଉଁଠାରେ ସବସିଡି ହିତାଧିକାରୀଙ୍କ ନିଜ ଆକାଉ[ରେ ପୈଠ କରାଯାଇ ପାରୁଛି, ଯାହା କୌଣସି ମଧ୍ୟସ୍ଥିଙ୍କ ମାଧ୍ୟମରେ ନୁହେଁ, ସିଧାସଳଖ ହିତାଧିକାରୀ ମାନଙ୍କ ପାଖରେ ପୂର୍ବରୁ ପହଂଚି ପାରୁନଥିଲା । ଏହା ହେଉଛି ଅନ୍ତ୍ୟୋଦୟ, ଯାହାଙ୍କୁ ଯୋଜନା ପୂର୍ବରୁ ଭୁଲିଯାଇଥିଲା । ସମାଜର ସେମାନେ ହେଉଛନ୍ତି ଶେଷତମ ବ୍ୟକ୍ତି ଯାହାଙ୍କ ଉପରେ ଏହା ନିର୍ମିତ । ସମାନ ହିସାବ ଖାତା ଇଟା ଏବଂ ଇସ୍ପାତ ପାଇଁ ଚାଲିଛି । ଆବାସ ଯୋଜନା ଅଧୀନରେ ପ୍ରାୟ ଚାରି କୋଟି ପକ୍କା ଘର ସେହିସବୁ ପରିବାରମାନଙ୍କ ପାଇଁ ନିର୍ମାଣ କରାଯାଇଛି ଯେଉଁମାନଙ୍କର ପୂର୍ବରୁ କେବେ ନିଜସ୍ୱ ବାସଗୃହ ନଥିଲା । ୨୦୧୪ ମସିହାରେ ପାଂଚଟି ସହରରେ ଚାଲିଥିବା ମେଟ୍ରୋ ଆଜି କୋଡ଼ିଏରୁ ଅଧିକ ସହରରେ ଚାଲିଥାଏ । ବିମାନବନ୍ଦର ସଂଖ୍ୟା ପ୍ରାୟ ଦ୍ୱିଗୁଣିତ ହୋଇଛି ଏବଂ ଉଡ଼ାନ ବିମାନ ଯାତ୍ରାକୁ ସେହି ସହରଗୁଡ଼ିକ ପର୍ଯ୍ୟନ୍ତ ପହଂଚାଇଛି ଯେଉଁଠାରେ କେବଳ ବିମାନ ମୁଣ୍ଡ ଉପର ଦେଇ ଯିବାର ପୂର୍ବରୁ ଦେଖାଯାଉଥିଲା । ରେଳପଥଗୁଡ଼ିକୁ ପ୍ରାୟ ଶେଷ ବିନ୍ଦୁ ପର୍ଯ୍ୟନ୍ତ ବିଦ୍ୟୁତୀକରଣ କରାଯାଇଛି ଏବଂ ସେମାନଙ୍କର ପ୍ରଥମ ସ୍ୱଦେଶୀ ନିର୍ମିତ ଅର୍ଦ୍ଧ-ହାଇ-ସ୍ପିଡ୍ ଟ୍ରେନ୍ ଚାଲୁଛି । ଏଥି ମଧ୍ୟରୁ କୌଣସିଟି ବ୍ୟତିକ୍ରମ ନୁହେଁ । ପ୍ରତ୍ୟେକ ପ୍ରବେଶ ନିମନ୍ତେ ଆଉ ଏକ ଧାଡ଼ିରେ ଠିଆହେବାକୁ ପଡ଼େନାହିଁ । ଏକ ଯାତ୍ରା ଯାହାପାଇଁ ଆଉ ଗୋଟିଏ ଦିନର ସମୟ ଅପଚୟ କରିବାକୁ ପଡ଼େନାହିଁ, ଆବଂଟିତ ସରକାରୀ ବାସଗୃହ ଛାତ ଯେଉଁଥିରୁ ପାଣି ଲିକ୍ ହୁଏ ନାହିଁ । ଆର୍ଥିକ ସ୍ଥାପତ୍ୟ ମଧ୍ୟ ଅନ୍ୟାନ୍ୟ କ୍ଷେତ୍ର ସହିତ ସମାନ ଗତିରେ ଆଗକୁ ଅଗ୍ରସର ହୋଇଚାଲିଛି । ଅତ୍ୟାଧୁନିକ ସାମଗ୍ରୀ ଏବଂ ସେବା କର, ଏହାର ସମସ୍ତ ପ୍ରାରମ୍ଭିକ ନାସିକାକୁଂଚନ ପାଇଁ, ଦେଶକୁ ଏକକ ଜାତୀୟ ବଜାର ଦେଇଥିଲା ଯାହା ଦୁଇ ଦଶନ୍ଧି ଧରି ଏହାକୁ ଅନୁସରଣ କରୁଥିବା ପ୍ରତ୍ୟେକ ସରକାରଙ୍କୁ ପ୍ରତିହତ କରୁଥିଲା, କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକ ବର୍ତ୍ତମାନ ବ୍ୟବସାୟ କରିବାର ସହଜତା ଏବଂ ବିତରଣର ଗୁଣବତା ଉପରେ ପ୍ରତିଯୋଗିତା କରୁଛନ୍ତି । ଆବଂଟନ ଉପରେ ପୁରୁଣା ଅପେକ୍ଷା ଏକ ସୁସ୍ଥ ପ୍ରତିଯୋଗିତାର ବାତାବରଣ ଆରମ୍ଭ ହୋଇଛି । ସେହି ଆତ୍ମବିଶ୍ୱାସ ଭାରତ ବିଦେଶରେ କିପରି ନିଜକୁ ବଜାୟ ରଖିପାରିବ ତାହା ପୁନଃପ୍ରତିଷ୍ଠିତ କରିଥିଲା ଏବଂ ଏଠାରେ ମୁଁ ଦେଶକୁ ପ୍ରତିନିଧିତ୍ୱ କରୁଥିବା ମୋର ବିଗତ ବର୍ଷଗୁଡ଼ିକର କିଛି ସ୍ମୃତିରୁ ଏହା ଦାବି କରୁଛି । ପଣ୍ଡିତ ନେହେରୁଙ୍କ ଗୋଷ୍ଠୀ ନିରପେକ୍ଷତା ଏବଂ ଗରିବ ଲୋକ ମାନଙ୍କ ସକାଶେ ବିବେକ ପୂର୍ଣ୍ଣ ମନୋଭାବ ଅବଶ୍ୟ ଥିଲା, କିନ୍ତୁ ତାହା କୌଣସି ପକ୍ଷ ବାଛିପାରି ନଥିଲା । ବିବିଧ ମାର୍ଗ ଚୟନ ମାଧ୍ୟମରେ ବର୍ତ୍ତମାନର ସିଦ୍ଧାନ୍ତ ହେଉଛି ଏକ ଦେଶର ମନୋଭାବ ଯାହା ପ୍ରତ୍ୟେକ ପକ୍ଷ ଦ୍ୱାରା ଆଦୃତ ହେବାକୁ ଚାହୁଁଛି । ଭାରତ ଏହାର ଜି-୨୦ ଅଧ୍ୟକ୍ଷତାକୁ ରାଜଧାନୀ ନୂଆଦିଲ୍ଲୀରେ ସୀମିତ ରଖିବା ପରିବର୍ତ୍ତେ ଦେଶର ପ୍ରତ୍ୟେକ ରାଜ୍ୟରେ ପହଁଚାଇଥିଲା ଏବଂ ଭାରତକୁ ବୈଶ୍ୱିକ ଦକ୍ଷିଣ ଗୋଲାର୍ଦ୍ଧର ସ୍ୱର ଭାବରେ ଗଠନ କରିବା ଏକ ପ୍ରାଚୀନ ବିକାଶ ମୂଳକ ଦୁର୍ବଳତା ବଦଳାଇ ଏହାକୁ ନେତୃତ୍ୱ ଦାବିରେ ରୂପାନ୍ତରୀତ କରିଥିଲା । ଦେଶ ଭିତରେ ଏହାର ବ[ନ ଉପରେ ବିଶ୍ୱାସୀ ଏକ ରାଜ୍ୟ ବିଶ୍ୱରେ ଭିନ୍ନ ଭାବରେ ସ୍ୱର ପ୍ରଦର୍ଶନ କରିଥାଏ । ଏଭଳି ଏକ ବୃହତ ସ୍ତରର ସଫଳତା ବା ରେକର୍ଡ ସ୍ୱାଭାବିକ ଭାବେ ସମୀକ୍ଷା ଓ ବିଶ୍ଳେଷଣକୁ ଆମନ୍ତ୍ରଣ କରିଥାଏ, ଏବଂ ଆମ ଭଳି ଏକ ବିତର୍କପ୍ରିୟ ଗଣତନ୍ତ୍ରରେ ଏହା ପ୍ରଚୁର ମାତ୍ରାରେ ମିଳିବ ମଧ୍ୟ । କିନ୍ତୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟକୁ ପଚରାଯାଉଥିବା ପ୍ରଶ୍ନରେ ଯେ ସ୍ପଷ୍ଟ ପରିବର୍ତ୍ତନ ଆସିଛି, ତାହା ହିଁ ଏହି ଅତିକ୍ରମ କରିଥିବା ଦୂରତ୍ୱର ପ୍ରକୃତ ମାପଦଣ୍ଡ । ପଣ୍ଡିତ ନେହେରୁଙ୍କ ଭାରତ ପଚାରୁଥିଲା ଯେ ସରକାର କଣ ଆବଂଟନ କରିପାରିବେ । ଅପରପକ୍ଷରେ, ମୋଦୀ ଜୀଙ୍କ ଭାରତ ପଚାରୁଛି ଯେ ସରକାର କଣ ବିତରଣ କରିପାରିବେ ଏବଂ ସେହି କାର୍ଯ୍ୟର ପ୍ରମାଣ ବା ରସିଦ ଦେଖାଇବା ପାଇଁ ମଧ୍ୟ ଜିଦ୍ କରୁଛି । ସେଥିପାଇଁ ଜୁନ୍ ୧୦ ତାରିଖକୁ ଚିହ୍ନିତ କରିବା ସ୍ମରଣୀୟ ଅଟେ, ଏବଂ ଦିନଗୁଡ଼ିକର ଗଣନା ହେଉଛି ଏହାର ସବୁଠାରୁ ଛୋଟ ଅଂଶ । ପଣ୍ଡିତ ନେହେରୁ ଭାରତୀୟ ଶାସନ ବ୍ୟବସ୍ଥା ବା ରାଷ୍ଟ୍ରର ନିର୍ମାଣ କରିଥିଲେ । ମୋଦୀ ଜୀ ଏହାକୁ ସେହି ନାଗରିକଙ୍କ ପାଖରେ ପହଂଚାଇବା ପାଇଁ ପୁନଃ ସଂଯୋଜିତ କରିଛନ୍ତି, ଯାହାଙ୍କ ନାମରେ ଏହା ନିର୍ମିତ ହୋଇଥିଲା । ମୁଁ ଶାସନ ବ୍ୟବସ୍ଥାର ଏହି ଉଭୟ ରୂପରେ ସେବା କରିଛି, ଏବଂ ମୁଁ ଜାଣେ ଯେ ଧାଡ଼ିର ଶେଷ ବ୍ୟକ୍ତିଜଣକ କେଉଁ ପରିବର୍ତ୍ତନକୁ ମନେ ରଖିବେ । ଦିନେ ଯେଉଁ ପ୍ରତିଶ୍ରୁତିକୁ ପ୍ରଶାସନର କୌଣସି ଏକ ଉଚ୍ଚ ସ୍ତରରେ କେବଳ ବିଶ୍ୱାସର ସହ ଗ୍ରହଣ କରିବାକୁ ପଡୁଥିଲା, ତାହା ଏବେ ସ୍ପଷ୍ଟ ଓ ସ୍ୱଚ୍ଛ ଭାବରେ ସେହି ଶେଷ ବ୍ୟକ୍ତିଙ୍କ ନିଜ ହାତରେ ପହଁଚୁଛି । ଏହା ହିଁ ହେଉଛି ସେହି 'ବିକଶିତ ଭାରତ' ଯାହାକୁ ୨୦୪୭ ସୁଦ୍ଧା ଗଠନ କରିବା ପାଇଁ ଆମକୁ କୁହାଯାଇଛି, ଏବଂ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଯେପରି କହିଥିଲେ, ଏହାର ଆରମ୍ଭ ତାଙ୍କଠାରୁ ହିଁ ହେବା ଆବଶ୍ୟକ ।

***(ଲେଖକ କେନ୍ଦ୍ର ସରକାରରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଭାବରେ ଅବସ୍ଥାପିତ)***

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ମନ୍ତ୍ରୀ ଓ କୃଷକ ପ୍ରତିନିଧି ଦଳ ଆଲୋଚନା



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲାରେ ଧାନ ମଣ୍ଡି ରୁ ରବି ଧାନ ଉଠାନ ନେଇ ଚାଷୀ ମାନେ ରାଜ ରାସ୍ତା କୁ ଓହ୍ଲାଇଛନ୍ତି । ଚାଷୀଙ୍କ ଆନ୍ଦୋଳନ ନେଇ ବେଲଟୁକରି ଗ୍ରାମର ୧୦ ଜଣିଆ ପ୍ରତିନିଧି ଦଳ ଆସି ଓଡ଼ିଶା ପଂଚାୟତ ରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ସାକ୍ଷାତ କରିଥିଲେ । ଏହି ସାକ୍ଷାତ ବେଳେ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା । ଆଲୋଚନା ବେଳେ ଜିଲ୍ଲାପାଳ ମଧୁସୂଦନ ଦାଶ, ଉପ ଜିଲ୍ଲାପାଳ ସୁର୍ମୀ ସୋରେନ, ଜିଲ୍ଲା ଯୋଗାଣ ଅଧିକାରୀ ତ୍ରିଲୋଚନ ମାଝୀ, ତହସିଲଦାର ପ୍ରମୁଖ ଯୋଗ ଦେଇଥିଲେ । ବେଲେଟୁକରି ମଣ୍ଡିରେ ନୂଆପଡ଼ା ଅତିରିକ୍ତ ତହସିଲଦାର ଦିଲୀପ ପାତ୍ର ଙ୍କୁ ଦାୟିତ୍ୱ ପ୍ରଦାନ ଧାନ ଆସିବା ସହ ଧାନ ଉଠାନ ନେଇ ସମସ୍ତ ତଥ୍ୟ ସଂଗ୍ରହ କରି ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ଜିଲ୍ଲାର ନୂଆପଡ଼ା ବ୍ଲକ୍ ପାଇଁ ଉପଜିଲ୍ଲାପାଳ ଶୂର୍ମି ସୋରେନ ଏବଂ ଖଡ଼ିଆଳ ବୋଡ଼େନ ସିନାପାଲି ବ୍ଲକ୍ ପାଇଁ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ଦାୟିତ୍ୱ ପ୍ରଦାନ କରିଥିବା ପ୍ରକାଶ କରିଛନ୍ତି । ରବି ଧାନ ଉଠିବା ସହ ଗୋଟିଏ ଟୋକନ ଲେପସ ହେବ ନାହିଁ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଆଲୋଚନା ବେଳେ ଅଜିତ୍ କିଶୋର ଚାଲାନ ଖଡ଼ିଆଳ ମଣ୍ଡି ଉପରେ ଗୁରୁତ୍ୱ ଦେଇଥିଲେ ।

# ତହସିଲ ପ୍ରଶାସନର ବଡ଼ କାର୍ଯ୍ୟାନୁଷ୍ଠାନ

ଜଳେଶ୍ୱର(ନିପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପ୍ରଶାସନ ପକ୍ଷରୁ ଆଜି ଏକ ବଡ଼ଧରଣର ବେଆଇନ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଦେଖିବାକୁ ମିଳିଛି । ଜଳେଶ୍ୱର ଆର.ଏମ.ସି ପକ୍ଷରୁ ଏକ ଅତ୍ୟାଧୁନିକ ମୋଡେଲ ମାର୍କେଟ ନିର୍ମାଣ ପାଇଁ ଜଳେଶ୍ୱର ଥାନା ଅନ୍ତର୍ଗତ ଦୈନିକ ହାଟ ପଡ଼ିଆଠାରେ ଥିବା ପ୍ରାୟ ୩୦ରୁ ଅଧିକ ବେଆଇନ ଦୋକାନଘରକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି । ବାଲେଶ୍ୱର ସବ୍-କଲେକ୍ଟରଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ମିଳିଥିବା ସୂଚନା ମୁତାବକ, ଜଳେଶ୍ୱର ହାଟ ପଡ଼ିଆ ସ୍ଥିତ ଆରଏମସିର ୧.୬୪ ଡିସିମିଲ ସରକାରୀ ଜାଗା ଅଛି । କିନ୍ତୁ କିଛି ପ୍ରଭାବଶାଳୀ ବ୍ୟକ୍ତି ୩୪ ଡିସିମିଲ ଜାଗାକୁ ଜୋର-ଜବରଦସ୍ତ ପ୍ରାୟ ୩୦ ଟି ଛୋଟ ବଡ ଦୋକାନ ଗୃହ ନିର୍ମାଣ କରି ନିଜ ଅକ୍ତିଆରରେ ରଖିଥିଲେ । ସେଠାରେ ସେମାନେ ବଡ଼ ବଡ଼ ପକ୍କା ଦୋକାନ ଘର ନିର୍ମାଣ କରି ଅନ୍ୟମାନଙ୍କୁ ଭଡ଼ା ସୂତ୍ରରେ ଦେଇ ମୋଟା ଅଙ୍କର ଅର୍ଥ ରୋଜଗାର କରୁଥିଲେ । ଏହି ଜବରଦଖଲ ଯୋଗୁଁ ସେଠାରେ ପ୍ରସ୍ତାବିତ ମୋଡେଲ ମାର୍କେଟ ନିର୍ମାଣ କାର୍ଯ୍ୟରେ ଦୀର୍ଘ ଦିନ ହେବ ବାଧା ସୃଷ୍ଟି ହେଉଥିଲା । ଏବାବଦରେ ଆରଏମସି ପକ୍ଷରୁ ବାଲେଶ୍ୱର ସବ୍-କଲେକ୍ଟରଙ୍କୁ ଅବଗତ କରାଯିବା ପରେ, ସେ ଜାଗାକୁ ଜବରଦଖଲ ମୁକ୍ତ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ସବ୍-କଲେକ୍ଟରଙ୍କ ନିର୍ଦ୍ଦେଶ ପାଇବା ପରେ ଜଳେଶ୍ୱର ତହସିଲ ପ୍ରଶାସନ ଏବଂ ସ୍ଥାନୀୟ ପୋଲିସ ମିଳିତ ଭାବେ ଏହି ଉଚ୍ଛେଦ ଅଭିଯାନ ଆରମ୍ଭ କରିଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଘଟଣାସ୍ଥଳରେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଅତିରିକ୍ତ ତହସିଲଦାର, ଚକ୍ରଧର ମଲ୍ଲିକ, ଜଳେଶ୍ୱର ଏସ.ଡି.ପି.ଓ ସୁରେଶ କୁମାର ତ୍ରିପାଠୀ, ଆଇ.ଆଇ.ସି ଅଶୋକ କୁମାର ବାରିକ, ରାଇବଣିଆ ଆଇଆଇସି ଚମ୍ପାବତୀ ସରେନ୍, ଆରଏମସି ସଂପାଦକ ଡ. ସୁକାନ୍ତ ପାତ୍ର, ମନୋରଞ୍ଜନ ସାମଲ, ହିମାଂଶୁ ନାୟକ, ତହସିଲ ସୁପରଭାଇଜର ଶରତ ବେହେରା, ସଦର ଆର ଆଇ ଜଗନ୍ନାଥ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଲଡୋଜର ସାହାଯ୍ୟରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୮ଟି ବେଆଇନ ନିର୍ମାଣ ଦୋକାନ ଗୃହ ଗୁଡ଼ିକୁ ଭଙ୍ଗା ଯାଇଛି । ଆର ଏମ ସି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଜାଗାରେ ଏକ ବୃହତ ଓ ସୁସଜ୍ଜିତ ମୋଡେଲ ମାର୍କେଟ ନିର୍ମାଣ କରାଯିବ । ଏହି ମାର୍କେଟ କମ୍ପ୍ଲେକ୍ସରେ ଅଂଚଳର ସମସ୍ତ ଛୋଟ-ବଡ଼ ବ୍ୟବସାୟୀଙ୍କୁ ସୁବିଧାଜନକ ଭାବେ ଦୋକାନ ଗୃହ ଯୋଗାଇ ଦିଆଯିବ । ଏହା ସହିତ ଗ୍ରାହକ ଏବଂ ବ୍ୟବସାୟୀଙ୍କ ପାଇଁ ପାନୀୟ ଜଳ, ଆଲୋକ ଓ ପାର୍କିଂ ଭଳି ସମସ୍ତ ଆଧୁନିକ ସୁବିଧା ସୁଯୋଗ ଉପଲବ୍ଧ କରାଯିବ । ପ୍ରଶାସନର ଏହି କାର୍ଯ୍ୟାନୁଷ୍ଠାନ ପରେ ସ୍ଥାନୀୟ ଅଂଚଳରେ ମୋଡେଲ ମାର୍କେଟ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବା ନେଇ ଆଶା ସଂଚାର ହୋଇଛି । ତେବେ ଦେଖିବାକୁ ବାକି ରହିଲା ବାକି ତକ ଜବତ ଦଖଲ କାରୀଙ୍କୁ ପ୍ରଶାସନ କେବେ ଉଚ୍ଛେଦ କରିବେ ।

# ତିନିଦିନିଆ ରଜମଉଜ ଉଦ୍‌ଘାଟିତ



ବାରିପଦା(ନିପ୍ର): ସ୍ଥାନୀୟ ଅମ୍ବିକାସାହି ଠାରେ ଥିବା ଶିଶୁ ଉଦ୍ୟାନରେ ତିନିଦିନିଆ ୧୩ତମ ରଜମଉଜ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ବରିଷ୍ଠ ଅଭିନେତା ଓ ପ୍ରଯୋଜକ ଅସିତ ପତି ଓ ଏମ.ସି.ସି. ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି. ଏଥରେ ରଜମଉଜର ସଭାପତି ଜିତେନ୍ଦ୍ର ମହାନ୍ତି ଓ ସଂଯୋଜକ ଲିଟନ ପଟ୍ଟନାୟକ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଉଦବୋଧନ ଦେଇଥିଲେ । ପୂର୍ବତନ କୃଷି ନିଗମର ଅଧକ୍ଷ ଦେବାଶିଷ ମହାନ୍ତି ଏପରି ଏକ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ କର୍ମକର୍ତ୍ତାମାନଙ୍କୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡର କାଉନସିଲର ଶିବଶଙ୍କର ପାତ୍ର, ଅନନ୍ତ ଦାସ, ଦେବଶିଷ ପାତ୍ର, ପ୍ରଭାତି ମହାନ୍ତି, ମୂର୍ଚ୍ଛନା ମହାନ୍ତି, ପ୍ରଭାତୀ ପୃଷ୍ଟି, ରୀନା ଶର୍ମା, ଜିତା ସିଂ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବାଙ୍ଗିରିପୋଷି କଲେଜର ପୂର୍ବତନ ଅଧକ୍ଷା ଡଃ ପୁଷ୍ପା ପାତ୍ର ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମିନା ଦାସ ପୋଡପିଠା କାଟି ରଜକୁମାରୀ ମାନଙ୍କ ମଧ୍ୟରେ ପ୍ରେରଣା ଭରିଦେଇଥିଲେ । ରାଇରଙ୍ଗପୁର କଲେଜର ପୂର୍ବତନ ପ୍ରିନସିପାଲ ସୁନୀଲ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ଅନ୍ୟମାନଙ୍କ ମଧ୍ୟରେ ଅମ୍ବିକା ସାହିର ଶାନ୍ତନୁ ଦାସ, ପ୍ରେମଜିତ ଦାସ, ଡା. କିଶୋର ପାତ୍ର, ସତ୍ୟସରୂପ ଦାଶ, ଅଧିକା ଘୋଷ, ନନ୍ଦନ ଭଞ୍ଜ, କଳାକାର ଅଭିଷେକ ରାଉତ, ରିତା ବାରିକ, ସୁଦର୍ଶନ ସାହୁ, ଦୀପକ ଦାସ, ଶିବାନନ୍ଦ ସାହୁ, ସୂରଜ କୁମାର, ଅଭିନନ୍ଦନ ଦାସ ଓ ମୁନୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପହିଲି ରଜ ପାଇଁ ମ୍ୟୁଜିକ ଚେୟାର, ବୁରା ଡିଆଁ ଓ କିପିଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ସିନିୟର ଓ ଜୁନିୟର ଗ୍ରୁପ ମାନଙ୍କର ଏକକ ରେକର୍ଡ ଡ୍ୟାନସ ପ୍ରତିଯୋଗିତା ସହ ରଜକୁଇନ ପ୍ରତିଯୋଗିତାର ପ୍ରାରମ୍ଭିକ ଅଧ୍ୟାୟ ଅନୁଷ୍ଠିତ ହୋଇଥିଲା ।

# ବରୁଣେଇ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ଖୋର୍ଦ୍ଧା(ନିପ୍ର): ବରୁଣେଇ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଆଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ଖୋର୍ଦ୍ଧା ପୌର ପରିଷଦ ର ଅଧକ୍ଷା କନକ ଲକ୍ଷ୍ମୀ ମହାନ୍ତି, ରଣପୁର ବିଜ୍ଞାପିତ ଅଂଚଳ ପରିଷଦ ଅଧକ୍ଷା ରଙ୍ଗୀନ ମହାନ୍ତି, ସମାଜ ସେବୀ ବାସନ୍ତୀ ମହାପାତ୍ର ପ୍ରମୁଖ ଅତିଥି ଉପସ୍ଥିତ ଥିଲେ । ଏହି ଅବସରରେ କିଟ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସଂସ୍କୃତି ବିଭାଗ ର ନିର୍ଦ୍ଦେଶକ ରକ୍ଷକ ନାୟକ ଙ୍କୁ ସଂମ୍ମାନିତ କରାଯାଇ ଥିଲା । ପଶା ଖେଳରେ ପ୍ରଭାକର ପ୍ରଧାନ ପ୍ରଥମ ପ୍ରଫୁଲ୍ଲ ମହାପାତ୍ର ଦ୍ୱିତୀୟ, ରଜ ଦୋଳିରେ ଆରାଧା ସଂପୂର୍ଣ୍ଣା ନାୟକ ପ୍ରଥମ ପୂଜାରାଣୀ ବାରିକ ଦ୍ୱିତୀୟ ଉର୍ମି ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ମା ମଙ୍ଗଳା ପାଇକ ଆଖଡ଼ା କୁହୁଡି, ଆଦିକଳା ନିକେତନ ନୃତ୍ୟ କଳିକତା ସଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ ।







# ଅକ୍ଷରେ ପ୍ରେମ ପକ୍ଷରୁ ସଂସ୍କୃତିର ନିଆରା ପର୍ବ ‘ରଜମଉଜ’

ବ୍ରହ୍ମପୁର (ନି.ପ୍ର.): ନୈସର୍ଗିକ ପ୍ରକୃତିର ସୃଷ୍ଟିଶୀଳ ନୀରାଜନା ହେଉଛି 'ରଜ' କ୍ଷ ରଜପର୍ବ କେବଳ ସାଂସ୍କୃତିକ ପରମ୍ପରାର ଏକ ଅବକାଶ ନୁହେଁ ; ବରଂ ନବ-ସର୍ଜନର ଆନନ୍ଦମୟ ଗଣପର୍ବ କ୍ଷ ଧରିତ୍ରୀ ମାତାଙ୍କ ପ୍ରାକୃତିକ ଅଭିସାର ନିମନ୍ତେ ପ୍ରସ୍ତୁତିର ପବିତ୍ର ଅବସର ରଜ ଓଡ଼ିଆ ଅସ୍ମିତାର ପହିଲି ସୂଚକ ବୋଲି ଡକ୍ଟର୍ କୁଳମଣି ଓଝା ମତବ୍ୟକ୍ତ କରିଛନ୍ତି ।

'ରଜମଉଜ' ଉଦ୍ଘାଟନୀ ଉତ୍ସବର ଉପସ୍ଥାପକ ରୂପେ ଯୋଗ ଦେଇ ଡ. ଓଝା ଏହି ମର୍ମରେ ବକ୍ତବ୍ୟ ପ୍ରଦାନ କରିଥିଲେ କ୍ଷ ରଜମଉଜ କାର୍ଯ୍ୟକ୍ରମରେ ବିଶିଷ୍ଟ ନାଟ୍ୟକାର ଡା. ତିରୁପତି ସାହୁ ଉଦ୍ଘାଟକ ରୂପେ ଯୋଗ ଦେଇଥିଲେ କ୍ଷ ମୁଖ୍ୟଅତିଥି ରୂପେ ଦୈନିକ 'ପ୍ରମେୟ' ବ୍ରହ୍ମପୁର ସଂସ୍କରଣର ପ୍ରବନ୍ଧକ ଅମ୍ବିକା ପ୍ରସାଦ ଦାଶ ରଜପର୍ବର ସ୍ମୃତି ବିଜଡ଼ିତ ଫର୍ଦ୍ଦ ଉନ୍ମୋଚନ କରିବା ସହ କେବଳ ଝିଅ ନୁହନ୍ତି, ପୁରୁଷମାନେ ମଧ ରଜପର୍ବକୁ ଭରପୂର ଉପଭୋଗ କରନ୍ତି ବୋଲି କହିଥିଲେ ।

ମିନି ପତ୍ରିକା 'ଅକ୍ଷରେ ପ୍ରେମ' ଆନୁକୂଲ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ସ୍ଥାନୀୟ



'ଅଭିନନ୍ଦନ ମଣ୍ଡପ' ପରିସରରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ନିଆରା ପର୍ବ 'ରଜ ମଉଜ' କାର୍ଯ୍ୟକ୍ରମ ସୋମବାର ସନ୍ଧ୍ୟାରେ ଏକ ରଙ୍ଗାରଙ୍ଗ ବର୍ଣ୍ଣାଢ୍ୟ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ନାଟ୍ୟକାର ଡା. ତିରୁପତି ସାହୁ ଉଦ୍ଘାଟକ ରୂପେ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଓଡ଼ିଆ ସଂସ୍କୃତିରେ ଗଣପର୍ବ ରଜର ସାଂସ୍କୃତିକ ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ ।

କବି ଓ ସମାଲୋଚକ ଡକ୍ଟର୍ କୁଳମଣି ଓଝାଙ୍କ ସଂଯୋଜନାରେ ଅନୁଷ୍ଠିତ 'ରଜ ମଉଜ' କାର୍ଯ୍ୟକ୍ରମରେ ନାଟ୍ୟକାର ଡା. ତିରୁପତି ସାହୁ ଉଦ୍ଘାଟକ, 'ପ୍ରମେୟ' ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଅମ୍ବିକା ପ୍ରସାଦ ଦାଶ ମୁଖ୍ୟଅତିଥି, ସମାଜସେବୀ ତଥା ପ୍ରାକ୍ତନ ଇଂରାଜୀ ଅଧ୍ୟାପିକା ଶ୍ରୀଲତା ପାତ୍ର ଓ ପିତଳ ଉଚ୍ଚ ମାଧମିକ ବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟା ଅଧ୍ୟାପିକା କୁସୁମଲତା ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ଓଡ଼ିଶାର ଅନନ୍ୟ ଗଣ-ବିନୋଦନର ଅବକାଶ ରଜ ପର୍ବର ବୈଜ୍ଞାନିକ ମହତ୍ତ୍ୱ, ଓଡ଼ିଆ ସଂସ୍କୃତିର ବୈଚିତ୍ର୍ୟମୟ ବିଭବ ଓ ତା'ର ସ୍ୱାତନ୍ତ୍ର୍ୟ ପ୍ରକଟନ ପୂର୍ବକ ରଜପର୍ବର ସାମାଜିକ ଆବେଦନ ବିଷୟରେ ଆଲୋଚନା କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ନଳିନୀକାନ୍ତ ଗୌଡ଼ଙ୍କ ଦ୍ୱାରା ସଂପାଦିତ ମିନି ପତ୍ରିକା 'ଅକ୍ଷରେ ପ୍ରେମ' ପ୍ରଚ୍ଛଦ ପୃଷ୍ଠାର ଲୋକାର୍ପଣ କରାଯାଇଥିଲା ।

କାର୍ଯ୍ୟକ୍ରମ ଆରମ୍ଭରେ 'ଅକ୍ଷରେ ପ୍ରେମ'ର ସମ୍ପାଦକ ନଳିନୀକାନ୍ତ ଗୌଡ଼ ପ୍ରାକ୍-ସୂଚନା ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ କ୍ଷ ଡ. କୁଳମଣି ଓଝା ଜଗନ୍ନାଥାଷ୍ଟକ ଆବୃତି କରିବା ସହ ପ୍ରାଗ୍-ଭାଷ ପ୍ରଦାନ ପୂର୍ବକ ରଜପର୍ବକୁ ଓଡ଼ିଆ ସଂସ୍କୃତିର ସ୍ୱତନ୍ତ୍ରତା ପ୍ରତିପାଦକ ଓ ପ୍ରକୃତି ଉପାସନାର ଏକ ଭିନ୍ନ ଅବକାଶ ରୂପେ ବର୍ଣ୍ଣନା କରିଥିଲେ କ୍ଷ ଚଳିତ ବର୍ଷ 'ରଜରାଣୀ' ରୂପେ ଶୁଭସ୍ମିତା ପାଠୀଙ୍କୁ ଉତରୀୟ, ପୁଷ୍ପସ୍ତବକ ଓ ସ୍ମୃତି ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ କଣ୍ଠଶିଳ୍ପୀ ଶ୍ରୀକାନ୍ତ ଓ ବିଚିତ୍ରା ପାରମ୍ପରିକ ଓଡ଼ିଆ ସଂଗୀତ ପରିବେଷଣ କରିଥିଲେ କ୍ଷ ଗଣମାଧମ ବ୍ୟକ୍ତିତ୍ୱ ସୁଦୀପ ସାହୁ ମଧ ଏକ ସୁନ୍ଦର ସଂଗୀତ ପରିବେଷଣ କରିଥିଲେ । ଚାସମୁନ୍ ଦଳାଇ ଶଙ୍ଖବାଦନ ଓ ଆଦିତ୍ୟ କୁମାର

ବଂଶୀବାଦନ କରିଥିଲେ କ୍ଷ ମେ' ୩୧ ତାରିଖ ଦିନ ଅନୁଷ୍ଠିତ ହୁଳହୁଳି, ଶଙ୍ଖବାଦନ, ସଂଗୀତ, ନୃତ୍ୟ, ଓଡ଼ିଆ କବିତା ଲିଖନ, ପାରମ୍ପରିକ ଫେସନ୍ ଶୋ, ପିଠା ଓ ମଞ୍ଜୁଆତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଆମନ୍ତ୍ରିତ ଅତିଥିମାନେ ପ୍ରମାଣପତ୍ର ଓ ସ୍ମୃତିଫଳକ ବିତରଣ କରିଥିଲେ କ୍ଷ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଚୈତନ୍ୟ କୁମାର, ଜିତେନ୍ଦ୍ର ବେହେରା ଓ ଆଦିତ୍ୟ କୁମାର ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ କ୍ଷ କାର୍ଯ୍ୟକ୍ରମ ପରିଚାଳନାରେ ମନୋଜ କୁମାର ସାହୁ, ଭାଗ୍ୟଲକ୍ଷ୍ମୀ ମହାରଣା, ଡ. କାହ୍ନୁ ଚରଣ ସାହୁ, ତ୍ରିପତି ବାଲାଜୀ ପାତ୍ର, ପ୍ରଭାତ କୁମାର ସାହୁ, ରଞ୍ଜିତା ପାତ୍ର, ସୁବାସିନୀ ସାହୁ, ଗାୟତ୍ରୀ ମହାକୁଡ, ନରେନ୍ଦ୍ର କୁମାର ଆଚାର୍ଯ୍ୟ, ସନ୍ତୋଷ କୁମାର ଗୌଡ଼, ଅନୀତା ଯାଦବ, ଗୀତାରାଣୀ ସାହୁ, ଆରତି ସାମଲ, ସମନ୍ୱିତା ସାହୁ, ରଶ୍ମିତା ଦଳାଇ, ଜାନକୀ ଗୌଡ଼, ରଶ୍ମିତା ଆଚାର୍ଯ୍ୟ, ଜାହ୍ନବୀ ପଣ୍ଡା, ପୂର୍ଣଚନ୍ଦ୍ର ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ କ୍ଷ ଶେଷରେ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମା' ମାଟିଆ ମଙ୍ଗଳା ଠାକୁରାଣୀଙ୍କ ବାର୍ଷିକ ଯଜ୍ଞ

ସୋର (ନି.ପ୍ର.) ସୋର ପୌରପାଳିକା ଅ'ର୍ଗତ ୱାର୍ଡ଼ ନଂ.- ୧୦ ଖଣ୍ଡାସାହି ଗ୍ରାମରେ ମା' ମାଟିଆ ମଙ୍ଗଳା ଠାକୁରାଣୀଙ୍କ ବାର୍ଷିକ ହୋମ ଶା' ଯଜ୍ଞ ମହାସମାରୋହରେ ପାଳିତ ହୋଇ ଯାଇଅଛି । ରବିବାର ଓ ସୋମବାର ଦୁଇଦିନ ଧରି ଗ୍ରାମରେ ନାମସଂକୀ□ନ ସହର ପରିକ୍ରମା କରି ଠାକୁରାଣୀଙ୍କର ଯଜ୍ଞ ଆରମ୍ଭ କରାଯାଇଥିଲା । ଯଜ୍ଞ ପରେ ପୂର୍ଣ୍ଣାହୁତି ଦିଆଯାଇଥିଲା । ଶେଷରେ ପ୍ରସାଦସେବନ ହୋଇଥିଲା । ଖଣ୍ଡାସାହି ଗ୍ରାମର ବହୁ ବୁଦ୍ଧିଜୀବି, ତଥା



ନାଗରିକ, ବିଭିନ୍ନ ୱାର୍ଡ଼ର ଭକ୍ତଭକ୍ତାମାନେ ଉକ୍ତ ଯଜ୍ଞରେ ଯୋଗାଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ସଭାପତି- ପ୍ରତାପ ଚନ୍ଦ୍ର ନାୟକ, ସଂପାଦକ- କମ୍ଭୁନାଥ ମହାଳିକ, ମନୋରଂଜନ ମହାଳିକ, ରତିକା' ମହାଳିକ, ଦୟାନିଧି ମହାଳିକ, ବିଭୁଦ□ ମହାଳିକ, ମାନସ ରଂଜନ ମହାଳିକ, ପୂର୍ଣ୍ଣଚନ୍ଦ୍ର ଦାସ, ବାବାଜୀ ମହାଳିକ, ପ୍ରଶା' ନାୟକ, ଶଶୀକା' ବାରିକ, ନିରନ ମହାଳିକ, ସନାତନ ମହାଳିକ, ଶୈଳ ମହାଳିକ, ଜଗନ୍ନାଥ ବାରିକ, ସୀତାକା' ମହାଳିକ, ବିଭୁତି ଭୂଷଣ ତ୍ରିପାଠୀ ପ୍ରମୁଖ ଉକ୍ତ ଯଜ୍ଞ ଉତ୍ସବକୁ ସହଯୋଗ କରିଥିଲେ ।

# ସୋମନାଥ ସ୍ୱାଭିମାନ ଯାତ୍ରା ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାର ୫୨ ଜଣ ତୀର୍ଥଯାତ୍ରୀ

ବ୍ରହ୍ମପୁର (ନି.ପ୍ର.): 'ସୋମନାଥ ସ୍ୱାଭିମାନ ଯାତ୍ରା' ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାର ୫୨ ଜଣ ତୀର୍ଥଯାତ୍ରୀ ଆଜି ଛତ୍ରପୁର ସ୍ଥିତ ନୂଆ ବସଷ୍ଟାଣ୍ଡଠାରୁ ଆଜି ପାଖାପାଖି ୩ (ଅପରାହ୍ନ)ସମୟରେ ସୋମନାଥ ଅଭିମୁଖେ ଯାତ୍ରା ଆରମ୍ଭ କରିବେ । ଶୁଭାରମ୍ଭ କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଛତ୍ରପୁର ଶ୍ରୀ କୃଷଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁନୀଲ କେରକେଟା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମାନେ




ଯୋଗ ଦେବେ । 'ସୋମନାଥ ସ୍ୱାଭିମାନ ଯାତ୍ରା' ମାଧ୍ୟମରେ ତୀର୍ଥଯାତ୍ରୀମାନେ ଦେଶର ସାଂସ୍କୃତିକ ଐତିହ୍ୟ, ଆଧ୍ୟାତ୍ମିକ ପରମ୍ପରା ଏବଂ ଐତିହାସିକ ଗୁରୁତ୍ୱ ବହନ କରୁଥିବା ସୋମନାଥ ଧାମ ଦର୍ଶନର ସୁଯୋଗ ପାଇବେ ବୋଲି ସୂଚନା ଦେଇଛନ୍ତି ।

# ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ; ୩୮ଟି ଅଭିଯୋଗ ପଞ୍ଜୀକୃତ, ୧ର ସଦ୍ୟ ସମାଧାନ

ଝାରସୁଗୁଡ଼ା (ନି.ପ୍ର.) ସାଧାରଣ ଜନତାଙ୍କ ସମସ୍ୟାର ସରଳ ଓ ଦ୍ରୁତ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କିର୍ମିରା ବ୍ଲକ କାର୍ଯ୍ୟାଳୟ ଠାରେ ଏକ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୩୮ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ଏହି ଶିବିରରେ ଜିଲ୍ଲା ନିର୍ବାହୀ ତଥା ଉନ୍ନୟନ ଅଧିକାରୀ ଶ୍ରୀ ବିଶ୍ୱ ରଞ୍ଜନ ନାୟକ, ଉପ-ଜିଲ୍ଲାପାଳ ଶ୍ରୀ ସବ୍ୟସାଚୀ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, କିର୍ମିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାର ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗ ଗୁଡ଼ିକୁ ଶୁଣିଥିଲେ । ଚଳିତ ଶୁଣାଣିରେ ମୋଟ ୩୮ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିବା ବେଳେ, ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ସମସ୍ୟା ଏବଂ ୧୪ଟି ଗୋଷ୍ଠୀଗତ ସମସ୍ୟା ରହିଥିଲା । ଶିବିର ଅବସରରେ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ଗୋଟିଏ ଅଭିଯୋଗର ସେହି ସମୟରେ ହିଁ ସଫଳ ସମାଧାନ କରାଯାଇଥିଲା । ଏହି ଜନ ଶୁଣାଣିରେ ବିଶେଷ କରି ରାସ୍ତା ମରାମତି, ଜମିଜମା ବିବାଦ ଏବଂ ଭତା ବା ପେନସନ ସମ୍ପର୍କିତ ମୁଖ୍ୟ ସମସ୍ୟାଗୁଡ଼ିକ ଉପରେ ସ୍ଥାନୀୟ ଲୋକେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ବାକି ରହିଯାଇଥିବା ଅଭିଯୋଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ଉପସ୍ଥିତ ଅଧିକାରୀମାନେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

# ରିଫାଇନାରୀ ନିର୍ମାଣ ହେଲେ ଖଣି ଖାଦାନକୁ ସମର୍ଥନ

ରାୟଗଡା (ନି.ପ୍ର) ରତ୍ନଗର୍ଭା ଖଣିଜ ସମ୍ପଦରେ ପରିପୂର୍ଣ୍ଣ ରାୟଗଡ଼ା ଜିଲ୍ଲା ଏବେ ସିଯି ମାଳି କୁ ନେଇ ବେଶ୍ ଚର୍ଚ୍ଚାରେ । ଖଣି ଖାଦାନ କୁ ନେଇ ସ୍ଥାନୀୟ ଲୋକଙ୍କ ଯେଉଁ ବିରୋଧ ରହିଛି ତାହା କିଛିଟା ମାତ୍ରାରେ ସମାଧାନର ବାଟ ରହିଥିବା ସ୍ପଷ୍ଟ ବାରି ହୋଇ ପଡୁଛି । ସୂଚନା ମୁତାବକ ରାୟଗଡା ଜିଲ୍ଲାର ସିଜି ମାଳି ଖଣି ଖନନ କୁ ନେଇ ଯେଉଁ ପ୍ରଭାବିତ ଅଂଚଳ ବାସୀ ଉତେଜନା ପ୍ରକାଶ କରୁଥିଲେ ତାକୁ ନେଇ ଏବେ କିଛି ପରିବର୍ତନ ଦେଖା ଦେଇଛି । ଆରମ୍ଭରୁ ଖଣିକୁ ନେଇ ବିରୋଧ ହେଉଥିବା ବେଳେ ଏବେ କିନ୍ତୁ ଖଣି ଖଦନକୁ ସମ୍ମତି ଦେବା ସହ ନିଜର ଦାବି ରଖି ଏକ ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଅଛି । ସ୍ୱତନ୍ତ୍ର ଭାବେ



ତାଙ୍କର ଦାବୀ ରହିଛି ରିଫାଇନାରୀ ପ୍ରତିଷ୍ଠା ହେବ ସହ ସ୍ଥାନୀୟ ଅଂଚଳର ଯୁବକଙ୍କୁ ନିଯୁକ୍ତି ଦିଆଯାଉ ।ଯାହା ଫଳରେ ଲୋକଙ୍କ ବିକାଶ ହେବ ସହ ଉକ୍ତ ଉପାନ୍ତ ଅଂଚଳର ବିକାଶ ହେବ ବୋଲି ମତ ପ୍ରକାଶ କରିଛନ୍ତି । ଏହି ପଦଯାତ୍ରା ପାଇଁ ଅ[। ଭିଡିଥିଲେ ମାଆ ଜଗତ ଜନନୀ କ୍ଲବର ସଦସ୍ୟ ଓ କାର୍ଯ୍ୟକର୍ତା ଯାହାକି ସଫଳ ହୋଇଥିଲା । ଏହି ପଦଯାତ୍ରାକୁ ସୁଙ୍ଗେର ଓ ସିନ୍ଦୂର ଘାଟି ପଂଚାୟତର ଅନେକ ମହିଳା ଓ ଯୁବକ ଯୋଗ ଦେଇଥିଲେ । ଶିଳ୍ପ ପ୍ରତିଷ୍ଠାନ ହେଲେ ଦେଶର ସମୃଦ୍ଧ ହେବା ସହ ଆମ ଅଂଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ର ସୁବିଧା ହେବା ସହ ନିଶ୍ଚିତ ଭାବେ ସୁଗମ ହେବା ସହ କାଶୀପୁରର ବିକ୍ଷ ହେବା ସୁନିଶ୍ଚିତ ବୋଲି ଏହି ପଦଯାତ୍ରାରେ ଯୋଗ ଦେଇଥିବା ଲୋକମାନେ ମତପ୍ରକାଶ କରିଛନ୍ତି । ସୂଚନା ମୁତାବକ କାଶୀପୁର ସିଜି ମାଳି ଖଣି ଖନନ ପାଇଁ କିଛି ବାହ୍ୟ ଲୋକ ନିଜକୁ ସ୍ୱଘୋଷିତ ପରିବେଶ ବିତ୍ ଓ ସମାଜସେବୀ ନିଜର ସ୍ୱାର୍ଥ ସାଧନ ପାଇଁ ଅଂଚଳକୁ ଆସି ନିଜର ଏକ ଅସନ୍ତୁଷ୍ଟ ପରିବେଶ ଭଳି ପରିସ୍ଥିତି ସୃଷ୍ଟି କରୁଥିବା କିଛି ଲୋକ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ଯାହାକି ଏଭଳି ଲୋକଙ୍କୁ ପ୍ରଶାସନ ଦୃଷ୍ଟି ଆଗରେ ରଖି ଏହାର ପ୍ରତିକାର ନିମନ୍ତେ ଧ୍ୟାନ ଦେବା ପାଇଁ ଦାବି କରିଛନ୍ତି ।

# ମନରେଗାରେ ନାଳ ସଂସ୍କାର କାର୍ଯ୍ୟକୁ ନେଇ ଅନିୟମିତତା ଅଭିଯୋଗ

ଧାମନଗର,(ନି.ପ୍ର.): ଧାମନଗର ବ୍ଲକ ବୟାଙ୍ଗଡିହି ପଂଚାୟତର ଗୋଠିଣା ବିଲ୍ ? ମଝିରେ ଥିବା ହାଲୋଗଣ୍ଡା-ମହାରା ମାଟି ନାଳର ପୁନରୁଦ୍ଧାର କାର୍ଯ୍ୟକୁ ନେଇ ସ୍ଥାନୀୟ ଚାଷୀ ଓ ଗ୍ରାମବାସୀଙ୍କ ପକ୍ଷରୁ ଅନିୟମିତତା ଅଭିଯୋଗ ଉଠିଛି । ଏନେଇ ଗ୍ରାମବାସୀ ଧାମନଗର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ମନରେଗା ଯୋଜନା ଅଧୀନରେ ଗୋଠିଣାଠାରୁ ହାଲୋଗଣ୍ଡା-ମହାରା ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ଲମ୍ବ ବିଶିଷ୍ଟ ମାଟି ନାଳର ପୁନରୁଦ୍ଧାର କାର୍ଯ୍ୟ ଚଳିତ ବର୍ଷ ଫେବୃଆରୀ ୪ରୁ ୧୦ ତାରିଖ ମଧ୍ୟରେ ସମ୍ପନ୍ନ ହୋଇଥିବା ମଷ୍ଟର ରୋଲ୍ ନଂ-୧୧୩୬୨ରେ ଦର୍ଶାଯାଇଛି । ଏଥିପାଇଁ ୫ ଲକ୍ଷ ୫୦ ହଜାର ଟଙ୍କାରୁ ଅଧିକ ଅର୍ଥ ବ୍ୟୟ ହୋଇଥିବା ମଧ ରେକର୍ଡରେ ଉଲ୍ଲେଖ ରହିଛି ।ତେବେ



ଅଭିଯୋଗକାରୀ ଚାଷୀମାନଙ୍କ କହିବା ଅନୁଯାୟୀ, ନାଳରେ ଆବଶ୍ୟକୀୟ ସଫେଇ ଓ ଖନନ କାର୍ଯ୍ୟ ହୋଇନଥିବାରୁ ବର୍ତମାନ ମଧ ଏହା ବିଭିନ୍ନ ସ୍ଥାନରେ ଜଙ୍ଗଲ ରେ ଭରି ରହିଛି । ଫଳରେ ଆଗାମୀ ବର୍ଷା ଋତୁରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇ ଚାଷଜମି ଜଳମଗ୍ନ ହେବା ସହ ଫସଲ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଥିବା ସେମାନେ ଦାବି କରିଛନ୍ତି ।ସ୍ଥାନୀୟ ଚାଷୀମାନଙ୍କ ମତରେ, ଏହି ନାଳ ଉପରେ ଜାହାଙ୍ଗିର, ପୁରୁଷୋତମପୁର, କ[ଦୋଳ, ବିରୁହାଁ, ପାଟୁଳି, ଫଳପୁର, ବାଘୁଆରୀ, ଆମ୍ବିଳିଗାଁ, ଗୋଠିଣା, ଭଉଁରିଆବାଙ୍କ ଓ ଷୋଳଗାଁ ସମେତ ବହୁ ମୌଜାର ପ୍ରାୟ ୪ ହଜାର ଏକର ଚାଷଜମିର ଜଳ ନିଷ୍କାସନ ଓ ସେଚନ ବ୍ୟବସ୍ଥା ନିର୍ଭର କରିଥାଏ । ତେଣୁ ପ୍ରକଳ୍ପର କାର୍ଯ୍ୟକାରିତା ଓ ବ୍ୟୟ ସମ୍ପର୍କରେ ସଠିକ୍ ତଦନ୍ତ କରାଯାଇ ପ୍ରକୃତ ସ୍ଥିତି ସାମ୍ନାକୁ ଆଣିବାକୁ ସେମାନେ ଦାବି କରିଛନ୍ତି । ତେବେ ଏହି କାର୍ଯ୍ୟ ୨୦୨୫ - ୨୦୨୬ ବର୍ଷ ରେ କାର୍ଯ୍ୟ ହୋଇଥିଲା ସେତେବେଳେ କନିଷ୍ଠ ଯନ୍ତ୍ରୀ ଙ୍କ ବଦଳି ହୋଇ ଥିଲା ।ପରେ ଯନ୍ତ୍ରୀ ପ୍ରଭାତ ବେହେରା ଉକ୍ତ କାର୍ଯ୍ୟ ର ୨ ଲକ୍ଷ ୪୦ ହଜାର ବିଲି କରିଥିଲେ । ତେବେ ପୁରୁଣା କାମ ରେ ବିଲି ହୋଇଚି ଏଥିରେ କୌଣସି ଅନିୟମିତତା ହୋଇ ନାହିଁବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରଭାତ ବେହେରା କହିଛନ୍ତି ।ତେବେ ଘଟଣା ର ତଦନ୍ତ କରାଯିବ ବୋଲି ବିଡିଓ ବନବିହାରୀ ଦୀନ୍ଧା କହିଛନ୍ତି ।

# ମୌସୁମୀ ବିପର୍ଯ୍ୟୟର ମୁକାବିଲା ପାଇଁ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

ଝାରସୁଗୁଡ଼ା,(ନି.ପ୍ର.) ଆସନ୍ତା ମୌସୁମୀ ଋତୁରେ ବନ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ନିର୍ଦ୍ଦେଶନାମ ଅନୁସାରେ ଝାରସୁଗୁଡ଼ା ଜିଲ୍ଲା କାର୍ଯ୍ୟାଳୟର ଜରୁରୀକାଳୀନ ବିଭାଗ ପକ୍ଷରୁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆୟୋଜିତ ଏହି ବୈଠକରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଅଧୀନରେ 'ଟେବୁଲ୍ ଟପ୍ ଏକ୍ସରସାଇଜ୍' ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି । ଏହି ଆଲୋଚନା ଚକ୍ରରେ ବିଶେଷ କରି ମୌସୁମୀ ପୂର୍ବ ପ୍ରସ୍ତୁତି, ମୌସୁମୀ ସମୟରେ ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟ ଏବଂ ମୌସୁମୀ ପରବର୍ତୀ ପୁନରୁଦ୍ଧାର କାର୍ଯ୍ୟକୁ କିପରି ସୁଚାରୁ ରୂପେ ସମ୍ପାଦନ କରାଯାଇପାରିବ, ସେ ନେଇ ଏକ ବ୍ଲୁ-ପ୍ରି[ ପ୍ରସ୍ତୁତ କରାଯାଇଛି । ବିପର୍ଯ୍ୟୟ ସମୟରେ ବିଭିନ୍ନ ବିଭାଗ ମଧ୍ୟରେ ଉତମ ସମନ୍ୱୟ ରକ୍ଷା କରି ଧନଜୀବନର ସୁରକ୍ଷା କରିବା ଏହି ଅଭ୍ୟାସର ମୂଳ ଲକ୍ଷ୍ୟ ବୋଲି ବୈଠକରେ ଗୁରୁତ୍ୱ ଆରୋପ କରାଯାଇଛି । ଆୟୋଜିତ ଏହି ବୈଠକରେ ଓସାପ୍ ଦ୍ୱିତୀୟ ବାହିନୀର କମାଣ୍ଡା[, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ସମସ୍ତ ବିଡିଓ, ସମସ୍ତ ପୌରପାଳିକାର ନିର୍ବାହୀ ଅଧିକାରୀ, ଗ୍ରାମ୍ୟ ଜଳଯୋଗାଣ, ୱାଟକୋ, ଟିପିଡବ୍ଲ୍ୟୁଓଡିଏଲ୍ ର ଅଧୀକ୍ଷଣ ଓ ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ଅଗ୍ନିଶମ ଅଧିକାରୀ ଏବଂ ଜିଲ୍ଲା ଶିକ୍ଷାଧିକାରୀ ପ୍ରମୁଖ ସାମିଲ ହୋଇଥିଲେ । ଏହା ସହିତ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ଏବଂ ଏନଜିଓର ପ୍ରତିନିଧିମାନେ ମଧ ଭର୍ଚୁଆଲ୍ ମୋଡ୍ ?ରେ ଯୋଗ ଦେଇଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,(ନି.ପ୍ର.)ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଉପରିସ୍ଥ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗ ର ଶୁଣାଣି କରିଥିଲେ । ଆଜି ମୋଟ ୫୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୬ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୨ ଟି, ଆବାସ ଯୋଜନା ସମ୍ପର୍କୀୟ ୧୧ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୯ ଟି, ପୋଲିସ ସହାୟତା ପାଇବା ପାଇଁ ୩ ଟି ଏବଂ ଅନ୍ୟାନ୍ୟ ୨୦ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୬ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ , ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଅକ୍ଷୟ ପିଲ୍ଲେ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସତ୍ୟବ୍ରତ ଦାଶ,ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ, ଜଗତସିଂହପୁର, ଶ୍ରୀ ଆଶୁତୋଷ ମିଶ୍ର, ତହସିଲଦାର,ଜଗତସିଂହପୁର, ଶ୍ରୀ ଅଜୟ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ ପୌର ପରିଷଦ, ଜଗତସିଂହପୁର ,ଶ୍ରୀ ସନ୍ଦିପ ସିଂ,ଜିଲ୍ଲା ସ୍ତରୀୟ ଅଧିକାରୀ,କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ଶୁଣାଣି କରିଥିଲେ ।

# ଗୋପବନ୍ଧୁ ନଗର ବ୍ଲକ ପ୍ରେସ କ୍ଲବର ବାର୍ଷିକ ଉତ୍ସବ ପାଳନ

ଖୁଂଟା: ( ନି ପ୍ର ) ଗୋପବନ୍ଧୁ ନଗର ପ୍ରେସ କ୍ଲବ ଓ ବିବେକାନନ୍ଦ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ପୁରୁଣା ବାରିପଦା ଆଇଟିଆଇ ପରିସରରେ ଏକ ବର୍ଣ୍ଣାଢ୍ୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ୨୦୨୫–୨୬ଶିକ୍ଷାବର୍ଷର ମ୍ୟାଟ୍ରିକ ପରୀକ୍ଷାରେ ବ୍ଲକର ସର୍ବାଧିକ ନମ୍ବର ରଖିଥିବା ୧୦ ଜଣ କୃତୀ ଛାତ୍ରଛାତ୍ରୀ ଏବଂ ଉଚ୍ଚ ମାଧମିକ ସ୍ତରର ବିଜ୍ଞାନ, କଳା ଓ ଧନ୍ଦାମୂଳକ ବିଭାଗର ୬ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ 'ମେଧାବୀ ସମ୍ମାନ' ପ୍ରଦାନ କରାଯାଇଥିଲା ।ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଗୋପବନ୍ଧୁ ନଗର ବ୍ଲକ ବିଡିଓ ପୃଥ୍ୱିରାଜ ପରିଡ଼ା ମୁଖ୍ୟ ଅତିଥି, ଅବସରପ୍ରାପ୍ତ ତହସିଲଦାର କରୁଣାକର ଧିନ୍ଦା ମୁଖ୍ୟ ବକ୍ତା ଓ ଖୁ[। ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ । ସେହିପରି ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କା, ବିଆରସିସି କୁଳମଣି ନାଏକ, ସମାଜସେବୀ ରମଣୀ ରଞ୍ଜନ ପରିଡ଼ା, ପ୍ରଧାନଶିକ୍ଷକ ଭବାନୀ ଶଙ୍କର ବେହେରା ଓ ପ୍ରଶାନ୍ତ ପରିଡ଼ା ପ୍ରମୁଖ ମଂଚାସୀନ ଥିଲେ ।ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ ଯେ, "ଚିନ୍ତାଧାରାର ସ୍ଥିରତା, ଅଧ୍ୟବସାୟ ଓ ଆତ୍ମବିଶ୍ୱାସ ହିଁ ସଫଳତାରମୂଳମନ୍ତ୍ର ।"ସେମାନେ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଲକ୍ଷ୍ୟ ଧାରଣ କରି ନିଷ୍ଠାର ସହ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ ।ମ୍ୟାଟ୍ରିକ ପରୀକ୍ଷାର କୃତୀ ଛାତ୍ରଛାତ୍ରୀ ଆଦିତ୍ୟ କୁମାର ଜେନା, ଶୁଭ୍ରାଂଶୁ ମହାନ୍ତି, ସୂର୍ଯ୍ୟକାନ୍ତ ମହାପାତ୍ର, ଅର୍ଚିତା ବିଶ୍ୱାଳ, ଗୌରବ ହାଁସଦା, ଅଲିଭା ମଲ୍ଲିକ, ଆଦ୍ୟାଶା ହୋତା, ଚିନ୍ମୟ ବେହେରା, ଇତିଶ୍ରୀ ବେହେରା ଓ ପ୍ରିୟାଂଶୁ ପୃଷ୍ଟିଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଉଚ୍ଚ ମାଧମିକ ସ୍ତରରେ ଊର୍ମିଳା ସିଂ, ବିଶେଶ୍ୱରୀ ନାଏକ, ଗାୟତ୍ରୀ ଜେନା, ସୁପ୍ରୀୟା ସିଂ, ସଙ୍ଗୀତା ବେହେରା ଓ ରେବତୀ ମହାନ୍ତଙ୍କୁ ମେଧାବୀ ସମ୍ମାନ ପ୍ରଦାନ କରାଯାଇଥିଲା ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅବସରପ୍ରାପ୍ତ ତହସିଲଦାର କରୁଣାକର ଧିନ୍ଦା ଉଦ୍ଘାଟନ କରିଥିବା ବେଳେ ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ ସଫଳତାର ସହ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧମିକ ବିଦ୍ୟାଳୟରଶିକ୍ଷକମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟକ ବାର୍ତା ପ୍ରଦାନ କରିଥିଲେ ।ଶେଷରେ ପ୍ରେସ କ୍ଲବର ସମ୍ପାଦକ ଡଃ କୁମାର ବାବୁଲି ଧନ୍ୟବାଦ ଅର୍ପଣ କରିଥିଲେ । ଉପସଭାପତି ଚିତରଞ୍ଜନ ଦଳେଇଙ୍କ ସମେତ ଶାନ୍ତନୁ କୁମାର ମଢୁଆଳ, ବିଶ୍ୱଜିତ ଦାଶ, ରଞ୍ଜନ କୁମାର ମଢୁଆଳ, ଦୀପକ କୁମାର ଚୌଧୁରୀ, ଯୋଗେଶ୍ୱର ସାହୁ, ସୂର୍ଯ୍ୟକାନ୍ତି ପୁହାଣ, ସମ୍ବିତ କୁମାର ରାଉତ, ମାଣିକ ହେମ୍ବ୍ରମ ଓ ଜୟନ୍ତ କୁମାର ସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।ଏହି ସମ୍ବର୍ଦ୍ଧନା ଉତ୍ସବ ମାଧ୍ୟମରେ ଅଂଚଳର ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରାଯିବା ସହ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଏକ ସକାରାତ୍ମକ ବାର୍ତା ପ୍ରସାରିତ ହୋଇଥିବା ମତ ପ୍ରକାଶ ପାଇଛି ।

# କ୍ରୁଜ ମିସାଇଲର ସଫଳ ପରୀକ୍ଷଣକୁ ନେଇ ଡିଆରଡିଓକୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡ଼. ଏ.ପି.ଜେ. ଅବ୍ଦୁଲ କଲାମ ଦ୍ୱୀପରୁ ଦୀର୍ଘ ଦୂର ଭୂମି ଆକ୍ରମଣକାରୀ କ୍ରୁଜ୍ ମିସାଇଲର ସଫଳ ଉଡ଼ାଣ ପରୀକ୍ଷଣ ପାଇଁ ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭେଲପମେଂଟ ଅର୍ଗାନାଇଜେସନ୍ (ଡିଆରଡିଓ) ଏବଂ ଏହି ମିଶନ୍ ସହ ଜଡ଼ିତ ସମସ୍ତ ହିତାଧିକାରୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ସୋସିଆଲ ମିଡିଆରେ ଜାରି କରିଥିବା ନିଜ ବାର୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ସଫଳତା ଭାରତର ସ୍ୱଦେଶୀ ପ୍ରତିରକ୍ଷା ପ୍ରଯୁକ୍ତି କ୍ଷମତାରେ ହେଉଥିବା ନିରନ୍ତର ଅଗ୍ରଗତିର ଏକ ସଶକ୍ତ ପ୍ରମାଣ । ସେ କହିଛନ୍ତି ଯେ, ଦୀର୍ଘ ଦୂର ଭୂମି ଆକ୍ରମଣକାରୀ କ୍ରୁଜ୍ ମିସାଇଲ୍‌ର ସଫଳ ପରୀକ୍ଷଣ ଦେଶର ରଣନୈତିକ ଶକ୍ତିକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା । ମୋହନ ମାଝୀ କହିଛନ୍ତି ଯେ, ଏହି ଉପଲବ୍ଧି ଭାରତର ପ୍ରତିରକ୍ଷା ଗବେଷଣା ଓ ବିକାଶ କ୍ଷମତାକୁ ନୂତନ ପରିଚୟ ଦେବା ସହିତ ଆତ୍ମନିର୍ଭର ପ୍ରତିରକ୍ଷା କ୍ଷେତ୍ର ଗଠନ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଭାବେ ପ୍ରମାଣିତ ହେବ । ମୁଖ୍ୟମନ୍ତ୍ରୀ ଡିଆରଡିଓର ବୈଜ୍ଞାନିକ, ଇଞ୍ଜିନିୟର ଏବଂ ପ୍ରକଳ୍ପ ସହ ଜଡ଼ିତ ସମସ୍ତ କର୍ମଚାରୀଙ୍କ ପ୍ରୟାସର ପ୍ରଶଂସା କରି କହିଛନ୍ତି ଯେ, ସେମାନଙ୍କର ସମର୍ପଣ ଓ ଉତ୍କୃଷ୍ଟ କାର୍ଯ୍ୟ ଯୋଗୁଁ ଭାରତ ପ୍ରତିରକ୍ଷା ପ୍ରଯୁକ୍ତି କ୍ଷେତ୍ରରେ ନିରନ୍ତର ନୂତନ ସଫଳତା ହାସଲ କରୁଛି ।

# ଜୁନ୍ ୨୦ରୁ ରାଜ୍ୟରେ ବଢ଼ିବ ବର୍ଷାର ପରିମାଣ



ଭୁବେନେଶ୍ୱର : ଦିନବେଳେ ଗୁଳୁଗୁଳି, ସଂଧ୍ୟା ହେଲେ ଛେଚୁଡି । ଅସ୍ୱାଭାବିକ ବର୍ଷା ଯୋଗୁ ଜଳବାୟୁରେ ଅସନ୍ତୁଳନ ଦେଖିବାକୁ ମିଳିଛି । ଯଦିଓ ମୌସୁମୀ ବାୟୁ ଓଡ଼ିଶା ଛୁଇଁ ସାରିଛି ତଥାପି, ଆବଶ୍ୟକ ମୁତାବକ ବର୍ଷା ଦେଖିବାକୁ ମିଳୁନାହିଁ । ଏପରି ଜଳବାୟୁ ଅସନ୍ତୁଳନ ପଛର କାରଣ କହିଛନ୍ତି ପାଣିପାଣ ବିଶେଷଜ୍ଞ ଡକ୍ଟର ଶରତ ଚନ୍ଦ୍ର ସାହୁ । ମୌସୁମୀ ବର୍ଷା ଏବଂ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ପାଇଁ ଆରବ ସାଗରରୁ ଆସୁଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବାହ ମୁଖ୍ୟ ଉତ୍ସ ଅଟେ ଏବଂ ଏଥିରେ ପ୍ରଚୁର ଜଳୀୟ ବାଷ୍ପ ଥାଏ । କିନ୍ତୁ ବର୍ତମାନ ଏହି ଦକ୍ଷିଣ-ପଶ୍ଚିମ ସ୍ଟ୍ରଙ୍ଗ ୱିଣ୍ଡ ବା ସକ୍ରିୟ ପ୍ରବାହ ଦେଖାଯାଉ ନାହିଁ । ବର୍ତମାନ ସ୍ଥଳଭାଗରେ ଯେଉଁ ଦକ୍ଷିଣ-ପଶ୍ଚିମ ବାୟୁ ବହୁଛି, ତାହା ଦକ୍ଷିଣ ଭାରତର କେନ୍ଦ୍ରୀୟ ଅଂଚଳରୁ ଆସୁଛି । ଏହା ସ୍ଥଳଭାଗ ଦେଇ ଆସୁଥିବାରୁ ଏଥିରେ ଯଥେଷ୍ଟ ଜଳୀୟ ବାଷ୍ପ ନାହିଁ । କେବଳ ସୂର୍ଯ୍ୟ କିରଣ ଯୋଗୁଁ ସ୍ଥଳଭାଗ ପ୍ରତିକ୍ରିୟାଶୀଳ ହେଉଛି ଏବଂ ସମୁଦ୍ର ପବନ ମାଧ୍ୟମରେ ଆସୁଥିବା ସୀମିତ ଜଳୀୟ ବାଷ୍ପ ପ୍ରଭାବରେ କାଁ ଭାଁ ଘଡ଼ଘଡ଼ି ସହ ବର୍ଷା ହେଉଛି । ଏହି ବର୍ଷା ନିୟମିତ ନୁହେଁ ଏବଂ ଏହା ବିଶେଷ କରି ସନ୍ଧ୍ୟା ସମୟରେ ଉପକୂଳ ଓ ତାହାର ଆଖପାଖ ଜିଲ୍ଲାଗୁଡ଼ିକରେ ଦେଖାଯାଉଛି । ବର୍ତମାନ ହେଉଥିବା ଏହି ଅନିୟମିତ ବର୍ଷା ଦ୍ୱାରା ଚାଷୀମାନେ କେବଳ ଧାନ ତଳି ପକାଇ ପାରିବେ, କିନ୍ତୁ ଏହା ଚାଷ ପାଇଁ ସ୍ଥାୟୀ ସମାଧାନ ନୁହେଁ । ଏହାଦ୍ୱାରା ଆଭ୍ୟନ୍ତରୀଣ ଓଡ଼ିଶାରେ ଚାଷ କାର୍ଯ୍ୟ ସାମାନ୍ୟ ପ୍ରଭାବିତ ହୋଇପାରେ, ଯଦିଓ ଅନ୍ୟ ବର୍ଷ ମାନଙ୍କରେ ମଧ୍ୟ ସେଠାରେ ବିଳମ୍ବରେ ଚାଷ କାର୍ଯ୍ୟ ହୋଇଛି । ଏଲ୍ନିନୋ ଏକ ବିଶ୍ୱସ୍ତରୀୟ ପ୍ରକ୍ରିୟା ହୋଇଥିବାରୁ ଏହାର ସିଧାସଳଖ ସ୍ଥାନୀୟ ପ୍ରଭାବ ଏତେ ଅଧିକ ରହିବ ନାହିଁ ।



# ଜି-୭ ଶିଖର ସମ୍ମିଳନୀରେ ଯୋଗ ଦେବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବର୍ତମାନ ବିଦେଶ ଗସ୍ତରେ ଅଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଏଠାରେ ଜି-୭ ଶିଖର ସମ୍ମିଳନୀରେ ଯୋଗଦେବେ । ଶିଖର ସମ୍ମିଳନୀ ସମୟରେ, ସେ ଏ୭ ଦେଶର ନେତା, ନିମନ୍ତ୍ରିତ ଅଂଶୀଦାର ଦେଶର ପ୍ରତିନିଧି ଏବଂ ଅନ୍ତର୍ଜାତୀୟ ସଂଗଠନର ମୁଖ୍ୟଙ୍କ ସହିତ ଆଲୋଚନା କରିବେ । ଏହି ଜି-୭ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀ ଡୋନାଲ୍ଡ ଟ୍ରମ୍ପଙ୍କ ସହ ମଧ୍ୟ ସାକ୍ଷାତ କରିବାର ସମ୍ଭାବନା ଅଛି । ଏହି ସମୟ ମଧ୍ୟରେ, ପ୍ରଧାନମନ୍ତ୍ରୀ ମୋଦୀ ଜି-୭ ଶିଖର ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଅଂଶଗ୍ରହଣ କରିବେ, ଯେଉଁଥିରେ ଇଓ ଉପରେ ଆଲୋଚନା ମଧ୍ୟ ଅନ୍ତର୍ଭୁକ୍ତ । ଶିଖର ସମ୍ମିଳନୀ ବ୍ୟତୀତ, ପ୍ରଧାନମନ୍ତ୍ରୀ ମୋଦୀ ଅନେକ ବିଶ୍ୱ ନେତାଙ୍କ ସହିତ ଦ୍ୱିପାକ୍ଷିକ ବୈଠକ ମଧ୍ୟ କରିବେ । ଆଜି, ମଙ୍ଗଳବାର, ପ୍ରଧାନମନ୍ତ୍ରୀ ମୋଦୀ କାନାଡା, ୟୁକେ ଏବଂ ୟୁଏଇର ନେତାଙ୍କ ସହିତ ମଧ୍ୟ ଦ୍ୱିପାକ୍ଷିକ ଆଲୋଚନା କରିବେ । ପ୍ରଧାନମନ୍ତ୍ରୀ ମୋଦୀ ଆସନ୍ତାକାଲି, ଜୁନ୍ ୧୭ ତାରିଖରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସହିତ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି । ତଥାପି, ଲୋକଙ୍କ ମନରେ ପ୍ରଶ୍ନ ହେଉଛି ବିଶ୍ୱର ଦୁଇଟି ପ୍ରମୁଖ ଶକ୍ତି, ଚୀନ୍ ଏବଂ ରୁଷ, କାହିଁକି ଏହି ଗୋଷ୍ଠୀର ଅଂଶ ନୁହଁନ୍ତି ? ଜି-୭, କିମ୍ବା "ଗ୍ରୁପ୍ ଅଫ୍ ସେଭେନ୍," ହେଉଛି ବିଶ୍ୱର ସାତଟି ସବୁଠାରୁ ବିକଶିତ ଏବଂ ଶିଳ୍ପୋନ୍ନତ ଅର୍ଥନୀତିର ଏକ ଗୋଷ୍ଠୀ । ଏଥିରେ ଆମେରିକା, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ ଏବଂ କାନାଡା ଅନ୍ତର୍ଭୁକ୍ତ । ଏହି ଗୋଷ୍ଠୀ ୧୯୭୫ ମସିହାରେ ଗଠିତ ହୋଇଥିଲା । ସେତେବେଳେ ବିଶ୍ୱ ତୈଳ ସଙ୍କଟ, ମୁଦ୍ରାସ୍ଫୀତି ଏବଂ ଆର୍ଥିକ ଅସ୍ଥିରତା ସହିତ ଜଡ଼ିତ ଥିଲା । ଏହି ସଙ୍କଟର ସମାଧାନ ପାଇଁ, ଫ୍ରାନ୍ସର ଉଦ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଆମେରିକା, ବ୍ରିଟେନ, ପଶ୍ଚିମ ଜର୍ମାନୀ, ଇଟାଲୀ ଏବଂ ଜାପାନର ନେତାମାନେ ସାମିଲ ହୋଇଥିଲେ । ପରବର୍ତୀ ବର୍ଷ, ୧୯୭୬ ମସିହାରେ, କାନାଡା ମଧ୍ୟ ଏହି ଗୋଷ୍ଠୀରେ ଯୋଗ ଦେଇଥିଲା, ଆଉ ଜି-୭ ପାଇଁ ମୂଳଦୁଆ ପକାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ବିଶ୍ୱବ୍ୟାପୀ ଉଦୀୟମାନ ଅର୍ଥନୈତିକ ଚ୍ୟାଲେଞ୍ଜ ବିଷୟରେ ଆଲୋଚନା କରିବା ଏବଂ ସେଗୁଡ଼ିକର ସମାଧାନ ପାଇଁ ଏକ ସାଧାରଣ ଯୋଜନା ବିକଶିତ କରିବା । ପରେ, ଏହାର କାର୍ଯ୍ୟସୂଚୀ ଜଳବାୟୁ ପରିବର୍ତନ, ସୁରକ୍ଷା, ଶକ୍ତି, ଆତଙ୍କବାଦ, ପ୍ରଯୁକ୍ତିବିଦ୍ୟା ଏବଂ ଭୂରାଜନୈତିକ ପ୍ରସଙ୍ଗଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାକୁ ବିସ୍ତାରିତ ହୋଇଥିଲା । ଜି-୭ ଶିଖର ସମ୍ମିଳନୀ ଫ୍ରାନ୍ସ ରାଷ୍ଟ୍ରପତିତ୍ୱରେ ଅନୁଷ୍ଠିତ ହେଉଛି ।




ବିଶ୍ୱର ପ୍ରମୁଖ ଶିଳ୍ପୋନ୍ନତ ଅର୍ଥନୀତିର ନେତାମାନଙ୍କ ସହିତ ଅନେକ ପ୍ରମୁଖ ସହଯୋଗୀ ଦେଶର ରାଷ୍ଟ୍ର ଏବଂ ସରକାର ମୁଖ୍ୟମାନେ ଅଂଶଗ୍ରହଣ କରୁଛନ୍ତି । ଏହି ଶିଖର ସମ୍ମିଳନୀରେ ବିଶ୍ୱ ଅର୍ଥନୀତି, ଶକ୍ତି ସୁରକ୍ଷା, ୟୁକ୍ରେନ ସଙ୍କଟ ଏବଂ ପଶ୍ଚିମ ଏସିଆର ପରିସ୍ଥିତି ଭଳି ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା ହେବାର ଆଶା କରାଯାଉଛି । ଯଦିଓ ଜି-୭ କେବଳ ସାତଟି ଦେଶକୁ ନେଇ ଗଠିତ, ସେମାନେ ବିଶ୍ୱ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର । ସେମାନେ ବିଶ୍ୱର ପ୍ରମୁଖ ଆର୍ଥିକ ପ୍ରତିଷ୍ଠାନ, ନିବେଶ, ପ୍ରଯୁକ୍ତିବିଦ୍ୟା ନବସୃଜନ ଏବଂ ସାମରିକ ଶକ୍ତି ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାନ୍ତି । ଯୁକ୍ତରାଷ୍ଟ୍ର, ଜାପାନ ଏବଂ ପ୍ରମୁଖ ୟୁରୋପୀୟ ଅର୍ଥନୀତିଗୁଡ଼ିକୁ ଜି-୭ରେ ଅନ୍ତର୍ଭୁକ୍ତ କରାଯାଇଛି । ତେଣୁ, ଜି-୭ ବୈଠକରେ ନିଆଯାଇଥିବା ନିଷ୍ପତିଗୁଡ଼ିକ ପ୍ରାୟତଃ ବିଶ୍ୱ ବଜାର, ବାଣିଜ୍ୟ ନୀତି ଏବଂ ଅନ୍ତର୍ଜାତୀୟ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ । ଯଦିଓ ଗତ ଦୁଇ ଦଶନ୍ଧି ମଧ୍ୟରେ ଚୀନ୍, ଭାରତ ଏବଂ ଅନ୍ୟାନ୍ୟ ଉଦୀୟମାନ ଅର୍ଥନୀତିର ଦ୍ରୁତ ଅଭିବୃଦ୍ଧି ଯୋଗୁଁ ଜି-୭ର ବିଶ୍ୱ ଅର୍ଥନୀତି ଅଂଶ ହ୍ରାସ ପାଇଛି, ଏହାର ରାଜନୈତିକ ଏବଂ ରଣନୈତିକ ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ରହିଛି । ଏ୭ ସଦସ୍ୟ ଦେଶମାନେ ଦାବି କରନ୍ତି ଯେ ସେମାନଙ୍କ ସଂଗଠନ ଅର୍ଥନୈତିକ ଆକାର ଆଧାରରେ ସଦସ୍ୟତା ପ୍ରଦାନ କରେ ନାହିଁ । ଏହା ମୂଳତଃ ୧୯୭୦ ଦଶକରେ ପ୍ରତିଷ୍ଠିତ ଗଣତାନ୍ତ୍ରିକ ଏବଂ ବିକଶିତ ଦେଶମାନଙ୍କର ଏକ ଗୋଷ୍ଠୀ । ସେତେବେଳେ, ଚୀନ୍ ର ଅର୍ଥନୀତି ଆଜି ପରି ଶକ୍ତିଶାଳୀ ନଥିଲା । ପରେ, ଚୀନ୍ ଏକ ଅର୍ଥନୈତିକ ମହାଶକ୍ତି ପାଲଟିଥିଲା, କିନ୍ତୁ ଏହା ଗଣତାନ୍ତ୍ରିକତାଠାରୁ ବହୁତ ଦୂରରେ ରହିଛି । ଏହା ବ୍ୟତୀତ, ଅନେକ ପ୍ରସଙ୍ଗରେ ଚୀନ୍ ଏବଂ ଏ୭ ଦେଶ ମଧ୍ୟରେ ମତଭେଦ ରହିଛି ।

# ସାପ୍ତାହିକ ଉଚ୍ଚସ୍ତରୀୟ କୃଷି ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କଲେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ

ନୂଆଦିଲ୍ଲୀ : କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆଜି ନୂଆଦିଲ୍ଲୀସ୍ଥିତ କୃଷି ଭବନରେ ଏକ ସାପ୍ତାହିକ ଉଚ୍ଚସ୍ତରୀୟ କୃଷି ସମୀକ୍ଷା ବୈଠକ କରିଛନ୍ତି । ବୈଠକରେ ସେ ଚଳିତ ଖରିଫ ୨୦୨୬ ଋତୁ ପାଇଁ ସାରା ଦେଶରେ ଚାଲିଥିବା ପ୍ରସ୍ତୁତିର ସର୍ବଶେଷ ସମୀକ୍ଷା କରିଛନ୍ତି । ଏହା ସହିତ, ସମ୍ଭାବ୍ୟ ଏଲ୍ ନିନୋ ସ୍ଥିତିକୁ ଦୃଷ୍ଟିରେ ରଖି ସେ କପା ଉତ୍ପାଦନ ବୃଦ୍ଧି, ଡାଲି ଜାତୀୟ ଶସ୍ୟ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ଏବଂ କମ୍ ବୃଷ୍ଟିପାତ ହେଉଥିବା ଜିଲ୍ଲାଗୁଡ଼ିକ ପାଇଁ ଅଗ୍ରୀମ ଜରୁରୀକାଳୀନ ଯୋଜନା ପ୍ରସ୍ତୁତ କରିବା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ କୃଷକମାନଙ୍କ ସ୍ୱାର୍ଥ ରକ୍ଷା କରିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ସେ ସ୍ପଷ୍ଟ କରିଛନ୍ତି । ଚଳିତ ମୌସୁମୀ ଋତୁରେ ସୃଷ୍ଟି ହେବାକୁ ଥିବା ଯେକୌଣସି ପ୍ରତିକୂଳ ପାଣିପାଗ ସ୍ଥିତିରୁ କୃଷି ଓ କୃଷକମାନଙ୍କୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଆଗୁଆ ଗ୍ରହଣ କରାଯିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ସମ୍ଭାବ୍ୟ 'ଏଲ୍ ନିନୋ' ପରିସ୍ଥିତି ଉପରେ ଆଲୋଚନା କରିବା ସମୟରେ,ଶ୍ରୀ ଚୌହାନ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଯେଉଁ ଜିଲ୍ଲାଗୁଡ଼ିକରେ ନିଅ[ଆ କିମ୍ବା ଅସମାନ ବର୍ଷା ହେବାର ସମ୍ଭାବନା ଅଛି, ସେଠାରେ ପୂର୍ବରୁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରାଯିବା ଉଚିତ । ସେ କହିଥିଲେ ଯେ ଏପରି ଜିଲ୍ଲାଗୁଡ଼ିକୁ ସ୍ପଷ୍ଟ ଭାବରେ ଚିହ୍ନଟ କରି ରାଜ୍ୟ ସରକାରଙ୍କ ସହିତ ସମନ୍ୱୟ ରଖି ଫସଲଭିତ୍ତିକ ଜରୁରୀକାଳୀନ ଯୋଜନା ପ୍ରସ୍ତୁତ କରାଯିବା ଉଚିତ ଯାହା ଦ୍ୱାରା ଯେକୌଣସି ପ୍ରତିକୂଳ ପାଣିପାଗ ପରିସ୍ଥିତିରେ ଚାଷୀମାନଙ୍କୁ ତୁରନ୍ତ ବିକଳ୍ପ, ପରାମର୍ଶ ଏବଂ ସହାୟତା ଯୋଗାଇ ଦିଆଯାଇପାରିବ । ଜଳ ସଂରକ୍ଷଣ, ଆର୍ଦ୍ରତା ପରିଚାଳନା, ଆନ୍ତଃ-ଫସଲ ଏବଂ ବିକଳ୍ପ ଫସଲ ପ୍ରଣାଳୀ ଉପରେ ବିଶେଷ ଧ୍ୟାନ ଦିଆଯିବା ଉଚିତ ଏବଂ ପ୍ରତ୍ୟେକ ବିପଦପୂର୍ଣ୍ଣ ଜିଲ୍ଲା ପାଇଁ ଏକ ପୃଥକ ଏବଂ ବ୍ୟବହାରିକ ରଣନୀତି ପ୍ରସ୍ତୁତ କରାଯିବା ଉଚିତ ଯାହା ଦ୍ୱାରା ଚାଷୀମାନେ ଖରିଫ ଋତୁରେ କୌଣସି ସମସ୍ୟାର ସମ୍ମୁଖୀନ ନ ହୋଇ ସୁଗମ ଭାବରେ ସେମାନଙ୍କର ଚାଷ କାର୍ଯ୍ୟ ଜାରି ରଖିପାରିବେ ବୋଲି ସେ କହିଥିଲେ ।



# ନିଟ-ୟୁଜି ୨୦୨୬ ପରୀକ୍ଷାର ସ୍ୱଚ୍ଛ ଓ ସୁରକ୍ଷିତ ପରିଚାଳନାର ସମୀକ୍ଷା କଲେ ଡିଜିପି

ଭୁବନେଶ୍ୱର : ଆସନ୍ତା ଜୁନ ୨୧ ତାରିଖରେ ନିଟ୍ ୟୁଜି - ୨୦୨୬ ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପରୀକ୍ଷାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ଅବାଧ ଏବଂ ସୁରକ୍ଷିତ ଭାବରେ ପରିଚାଳନା କରିବା ପାଇଁ ଡିଜିପି ସମସ୍ତ ଜିଲ୍ଲା ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବର୍ଷ ରାଜ୍ୟର ବିଭିନ୍ନ ଜିଲ୍ଲାର ୧୩୨ଟି ପରୀକ୍ଷା କେନ୍ଦ୍ରରେ ନିଟ୍-ୟୁଜି ପରୀକ୍ଷା ଅନୁଷ୍ଠିତ ହେବ । ପରୀକ୍ଷା ସମୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ ରଖିବା ସହିତ ସମଗ୍ର ପ୍ରକ୍ରିୟାକୁ ସୁରୁଖୁରୁରେ ସମାପ୍ତ କରିବା ପାଇଁ ତ୍ରିସ୍ତରୀୟ



ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଡିଜିପି ସମସ୍ତ ଜିଲ୍ଲା ଏସପି ଏବଂ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ପରୀକ୍ଷା କେନ୍ଦ୍ରଗୁଡ଼ିକର ସୁରକ୍ଷା, ସିସିଟିଭି ନିରୀକ୍ଷଣ, ପ୍ରଶ୍ନପତ୍ର ସଂରକ୍ଷିତ ଥିବା ବ୍ୟାଙ୍କ ଲକରର ନିରାପତା, ପରୀକ୍ଷା କେନ୍ଦ୍ର ପରିସର ଭିତରେ ଓ ବାହାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ଟ୍ରାଫିକ ପରିଚାଳନା ଏବଂ ଆପାତକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଏହା ବ୍ୟତୀତ ସୋସିଆଲ ମିଡିଆ ମନିଟରିଂକୁ ଅଧିକ ସକ୍ରିୟ, ସାଇବର ସେଲ୍‌କୁ ସତର୍କ, ଭ୍ରାନ୍ତ ତଥ୍ୟ ଓ ଗୁଜବ ପ୍ରଚାର ଉପରେ କଡ଼ା ନଜର ରଖିବା ସହିତ ସମସ୍ତ ସୁରକ୍ଷା ବ୍ୟବସ୍ଥାର ପୂର୍ବ ପରୀକ୍ଷଣ ଓ ଯାଂଚ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା । ପରୀକ୍ଷା ଶେଷ ହେବା ପରେ ଓଏମଆର ସିଟ୍ ଗୁଡ଼ିକୁ ପରୀକ୍ଷା କେନ୍ଦ୍ରରୁ ସଂଗ୍ରହ କରି ନିର୍ଦ୍ଦିଷ୍ଟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ପ୍ରଚଳିତ ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ କରିବାକୁ ଡିଜିପି ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ । ପରୀକ୍ଷା ସମ୍ବନ୍ଧୀୟ କୌଣସି ପ୍ରକାରର ଅନିୟମିତତା, ଅସାଧୁ କାର୍ଯ୍ୟକଳାପ କିମ୍ବା ସୁରକ୍ଷା ତ୍ରୁଟିକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ । ଏଥିପାଇଁ ପୋଲିସ ପ୍ରଶାସନ ସଦା ସର୍ବଦା ସତର୍କ, ସଜାଗ ଓ ପ୍ରସ୍ତୁତ ରହିବାକୁ ସେ ସମସ୍ତ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ ବ୍ରାଂଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ଏବଂ ଆଇଜି (କେନ୍ଦ୍ରାଂଚଳ) ଡ଼. ସତ୍ୟଜିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଆଭାସୀ ମାଧ୍ୟମରେ ସମସ୍ତ ରେଞ୍ଜ ଆଇଜିପି/ ଡିଆଇଜିପି ଓ ଜିଲ୍ଲା ଏସପିମାନେ ବୈଠକରେ ଯୋଗଦେଇଥିଲେ ।

# ମୌସୁମୀ ପୂର୍ବରୁ ଘାଟ ସେକ୍ସନ ଗୁଡ଼ିକରେ ସୁରକ୍ଷା ଓ ସଂରକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କଲା ପୂର୍ବ ତଟ ରେଳପଥ

ଭୁବନେଶ୍ୱର : ମୌସୁମୀ ଋତୁରେ ଟ୍ରେନ୍ ଚଳାଚଳକୁ ଅଧିକ ନିରାପଦ ଓ ନିର୍ଭରଯୋଗ୍ୟ କରିବା ପାଇଁ, ପୂର୍ବତଟ ରେଳପଥ ପକ୍ଷରୁ କୋଟ୍ଟାଭାଲାସା-କିରଣ୍ଡୁଲ, କୋରାପୁଟ-ରାୟଗଡ଼ା ଏବଂ ରାୟଗଡ଼ା-ବିଜୟନଗରମ୍ ରେଳପଥର ସମ୍ବେଦନଶୀଳ କଟିଂ (ପାହାଡ଼ କଟା ଅଂଚଳ) ଓ ଟନେଲ୍ ଗୁଡ଼ିକରେ ସୁରକ୍ଷା ଓ ସୁଦୃଢ଼ୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ପଥର ଖସିବା, ମୃତିକା କ୍ଷୟ ଏବଂ ପ୍ରତିକୂଳ ପାଣିପାଗ ପରିସ୍ଥିତିର ଆଶଙ୍କା ଥିବା ସଂବେଦନଶୀଳ ଘାଟି ଅଂଚଳରେ ଏହି କାର୍ଯ୍ୟ ଗୁଡ଼ିକ କରାଯାଉଛି । ଭିତିଭୂମି ସୁରକ୍ଷା ଏବଂ ପରିଚାଳନାଗତ ବିଶ୍ୱସନୀୟତା ବୃଦ୍ଧି କରିବା ପାଇଁ ପ୍ରାଥମିକତା ଭିତିରେ ଆଧୁନିକ ଢାଲ ସ୍ଥିରୀକରଣ ବ୍ୟବସ୍ଥା ଯେପରିକି ରକ୍ ଫଲ୍ ବ୍ୟାରିୟର୍ସ, ରକ୍ ବୋଲ୍ଟିଂ, ୱାୟାର୍ ମେସ୍ ନେଟିଂ, ଜିଓମ୍ୟାଟ୍ ଲେଇଙ୍ଗ୍ ଏବଂ ସୁଡ଼ଙ୍ଗ ସୁଦୃଢ଼ୀକରଣ କାର୍ଯ୍ୟକାରୀ କରାଯାଉଛି । କେକେ -୧ ସେକ୍ସନରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରାଯାଇଛି । ସର୍ବମୋଟ ୯୧୦ ମିଟରର ରକ୍ ଫଲ୍ ବ୍ୟାରିୟର୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଏହା ସହିତ, ୨୯,୭୭୬ ବର୍ଗ ମିଟରର ୱାୟାର୍ ମେସ୍ ନେଟିଂ ଏବଂ ୨୨,୧୯୭ ମିଟରର ରକ୍ ବୋଲ୍ଟିଂ କାର୍ଯ୍ୟ ଶେଷ ହୋଇଛି । ଏହି ଉଦ୍ଦେଶ୍ୟରେ ବ୍ୟାପକ କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପ ମଧ୍ୟ ହାତକୁ ନିଆଯାଇଥିଲା, ଯେଉଁଥିରେ ସ୍ଥିରୀକରଣ କାର୍ଯ୍ୟ ପାଇଁ ୩୪୬ଟି ଗାତ ଖନନ ଏବଂ ୪୦ଟି ଗାତର ଗ୍ରାଉଟିଂ ସାମିଲ ରହିଛି । ଏହା ବ୍ୟତୀତ, ଅତିରିକ୍ତ ଢାଲ ସୁରକ୍ଷା ପାଇଁ ସଂବେଦନଶୀଳ ସ୍ଥାନଗୁଡ଼ିକରେ ୩୦୦ ବର୍ଗ ମିଟରର ରୋମ୍ବୋଇଡାଲ୍ ମେସ୍ ଏବଂ ୭୩୦ ବର୍ଗ ମିଟରର ମୋନୋ ଓରିଏଂଟେଡ୍ ମେସ୍ ବିଛାଯାଇଛି । କେକେ-୨ ସେକ୍ସନରେ, ଧାର୍ଯ୍ୟ କରାଯାଇଥିବା ସମ୍ପୂର୍ଣ୍ଣ ୧୨୦ ମିଟରର ରକ୍ ଫଲ୍ ବ୍ୟାରିୟର୍ କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ଶେଷ ହୋଇଛି । ଏହା ବ୍ୟତୀତ, ୪,୨୦୦ ବର୍ଗ ମିଟରର ୱାୟାର୍ ମେସ୍ ନେଟିଂ କାର୍ଯ୍ୟ କରାଯାଇଛି, ଯାହା ଏହି ସେକ୍ସନର ସଂବେଦନଶୀଳ ପାହାଡ଼ କଟିଂ ଗୁଡ଼ିକୁ ସୁଦୃଢ଼ କରିବା ସହ ଉଲ୍ଲେଖନୀୟ ଅଗ୍ରଗତି ହୋଇପାରିଛି । କୋରାପୁଟ-ରାୟଗଡ଼ା ସେକ୍ସନରେ ମଧ୍ୟ ସୁରକ୍ଷା କାର୍ଯ୍ୟ ସୁରୁଖୁରୁରେ ଆଗେଇ ଚାଲିଛି । ଏପର୍ଯ୍ୟନ୍ତ, ସମ୍ପୂର୍ଣ୍ଣ ୩୦୦ ମିଟରର ରକ୍ ଫଲ ବ୍ୟାରିୟର୍ କାର୍ଯ୍ୟ ଏବଂ ୧,୬୦୦ ମିଟରର ରକ୍ ବୋଲ୍ଟିଂ କାର୍ଯ୍ୟ ସମାପ୍ତ ହୋଇଛି, ଯାହା ଉଭୟ ବର୍ଗରେ ୧୦୦% ସଫଳତା ସୂଚାଉଛି । ଏହା ସହିତ, ୧୦,୦୦୦ ବର୍ଗ ମିଟରର ୱାୟାର୍ ମେସ୍ ନେଟିଂ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଏହି ପ୍ରତିଷେଧକ ବ୍ୟବସ୍ଥାଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଢିଲା ପଥର ଖସିବାର ବିପଦକୁ ହ୍ରାସ କରିବା, ଢାଲର ସ୍ଥିରତା ବଢ଼ାଇବା ଏବଂ ଚ୍ୟାଲେଞ୍ଜପୂର୍ଣ୍ଣ ଘାଟି ଅଂଚଳ ଦେଇ ବିନା ବାଧାରେ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ।

# ଡାକ୍ତରୀ ପ୍ରେସକ୍ରିପ୍ସନ ନଥିଲେ କଫସିରପ୍ ମନା : କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ


ନୂଆଦିଲ୍ଲୀ : କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ



ମଙ୍ଗଳବାର ଦିନ ଔଷଧ ବିକ୍ରୟ ସମ୍ବନ୍ଧୀୟ ନିୟମରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛି । ମନ୍ତ୍ରଣାଳୟ ଛୋଟ ଛୋଟ ଗ୍ରାମରେ କଫ୍ ସିରପ୍ ବିକ୍ରୟ ଉପରେ ଦିଆଯାଇଥିବା ରିହାତି ପ୍ରତ୍ୟାହାର କରି ଡ୍ରଗ୍ସ ନିୟମ, ୧୯୪୫ ରେ ପରିବର୍ତନ କରିଛି । ତଦନୁଯାୟୀ ଏବେ ଛୋଟ ଛୋଟ ଗ୍ରାମରେ ମଧ୍ୟ ବିନା ଲାଇସେନ୍ସରେ କଫ୍ ସିରପ୍ ବିକ୍ରି ହୋଇପାରିବ ନାହିଁ । ମଙ୍ଗଳବାର ଦିନ ଜାରି ହୋଇଥିବା ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ, ପୂର୍ବରୁ ୧,୦୦୦ ରୁ କମ୍ ଜନସଂଖ୍ୟା ବିଶିଷ୍ଟ ଗ୍ରାମଗୁଡ଼ିକୁ କଫ୍ ସିରପ୍ ବିକ୍ରୟ ପାଇଁ କେତେକ ଲାଇସେନ୍ସ ସମ୍ବନ୍ଧିୟ ବ୍ୟବସ୍ଥାରୁ ମୁକ୍ତ କରାଯାଇଥିଲା । ବର୍ତମାନ, ନିୟମରେ ସଂଶୋଧନ କରି, ସମ୍ପୃକ୍ତ ପ୍ରବେଶରୁ 'ସିରପ୍' ଶବ୍ଦକୁ ହଟାଇ ଦିଆଯାଇଛି । ଏହି ପରିବର୍ତନ ପରେ, ଛୋଟ ଛୋଟ ଗ୍ରାମରେ କଫ୍ ସିରପର ବିକ୍ରୟ ଏବଂ ବିତରଣ କେବଳ ଲାଇସେନ୍ସପ୍ରାପ୍ତ ମେଡ଼ିକାଲ ଷ୍ଟୋର କିମ୍ବା ଔଷଧ ଦୋକାନ ମାଧ୍ୟମରେ କରାଯିବ । ଲାଇସେନ୍ସ ବିନା କଫ୍ ସିରପ୍ ବିକ୍ରୟ ନିୟମ ଅନୁଯାୟୀ ଆଉ ଅନୁମତି ଦିଆଯିବ ନାହିଁ । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ, ସିରପ୍ ଆଧାରିତ ଔଷଧର ବିକ୍ରୟ ଏବଂ ବିତରଣ ଉପରେ ନିୟାମକ ତଦାରଖକୁ ମଜବୁତ କରିବା ଏବଂ ଜନସ୍ୱାସ୍ଥ୍ୟ ଏବଂ ସୁରକ୍ଷା ମାନରେ ଉନ୍ନତି ଆଣିବା ଏହି ପଦକ୍ଷେପର ଉଦ୍ଦେଶ୍ୟ । କଫ୍ ସିରପ୍ ଉତ୍ପାଦନ, ବିତରଣ ଏବଂ ବିକ୍ରୟ ସହିତ ଜଡ଼ିତ ସମସ୍ତ ଉତ୍ପାଦନକାରୀ, ବିତରକ ଏବଂ ଖୁଚୁରା ବ୍ୟବସାୟୀଙ୍କୁ ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଅଧିନିୟମ, ୧୯୪୦ ଏବଂ ଔଷଧ ନିୟମ, ୧୯୪୫ ର ବ୍ୟବସ୍ଥାଗୁଡ଼ିକୁ କଡ଼ାକଡ଼ି ପାଳନ କରିବାକୁ ମନ୍ତ୍ରଣାଳୟ ପରାମର୍ଶ ଦେଇଛି ।

# ନିଟ୍ ୟୁଜି ପରୀକ୍ଷାର୍ଥୀଙ୍କ ପାଇଁ ମାଗଣା ବସ୍ ସେବା ଯୋଗାଇ ଦେବ ପରିବହନ ବିଭାଗ

ଭୁବନେଶ୍ୱର : ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା




ନିଟ୍ ୟୁଜି ପରୀକ୍ଷା ପାଇଁ ରାଜ୍ୟର ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ମାଗଣା ବସ୍ ସେବା ଯୋଗାଇ ଦେବା ପାଇଁ ପରିବହନ ବିଭାଗ ନିଷ୍ପତି ନେଇଛି । ପରୀକ୍ଷାର୍ଥୀମାନେ ନିଜ ଆଡମିଟ୍ କାର୍ଡ ଦେଖାଇ ଏହି ସୁବିଧା ପାଇ ପାରିବେ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ବେହେରା ସୂଚନା ଦେଇଛନ୍ତି । ଏକ୍ସରେ ପୋଷ୍ଟ କରି ମନ୍ତ୍ରୀ ଲେଖିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତି କ୍ରମେ ଆସନ୍ତା ଜୁନ୍ ୨୧ ତାରିଖରେ ହେବାକୁ ଥିବା ନିଟ୍ - ୟୁଜି ପରୀକ୍ଷା ପାଇଁ ରାଜ୍ୟର ସମସ୍ତ ପରୀକ୍ଷାର୍ଥୀଙ୍କ ସୁବିଧାକୁ ପ୍ରାଥମିକତା ଦେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଏସଆରଟିସି ଓ କ୍ରୁଟ୍ ର ମିଳିତ ସହଯୋଗରେ ନିଃଶୁଳ୍କ ବସ୍ ସେବାର ବ୍ୟବସ୍ଥା କରାଯାଇଛି । ରାଜ୍ୟର ୧୩୪ଟି ପରୀକ୍ଷା କେନ୍ଦ୍ରକୁ ଯାତାୟାତ ପାଇଁ ପରୀକ୍ଷାର୍ଥୀମାନେ ନିଜର ବୈଧ ଆଡମିଟ୍ କାର୍ଡ ଏହି ସେବାର ଲାଭ ଉଠାଇପାରିବେ । ପରୀକ୍ଷା ପୂର୍ବରୁ ଏବଂ ପରୀକ୍ଷା ଶେଷ ପରେ ଦୁଇ ପର୍ଯ୍ୟାୟରେ ବସ୍ ସେବା ଉପଲବ୍ଧ ରହିବ । ପରୀକ୍ଷାର୍ଥୀମାନଙ୍କ ସୁରକ୍ଷିତ, ସୁବିଧାଜନକ ଓ ନିର୍ବିଘ୍ନ ଯାତାୟାତ ସୁନିଶ୍ଚିତ କରିବା ଆମର ପ୍ରତିବଦ୍ଧତା । ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅନେକ ଅନେକ ଶୁଭକାମନା ।

# ଜାପାନକୁ ହରାଇ ସେମିଫାଇନାଲରେ ଭାରତୀୟ ମହିଳା ହକି ଦଳ

ନ୍ୟୁଜିଲାଣ୍ଡ: ଜାପାନକୁ ୨-୧ ଗୋଲ୍‌ରେ ହରାଇ ଭାରତୀୟ ମହିଳା ହକି ଦଳ ଚଳିତ ଏଫଆଇଏଚ୍ ନେସନ୍ସ କପ୍ ସେମିଫାଇନାଲରେ ସ୍ଥାନ ପକ୍କା କରିଛି । ଏହି ବିଜୟ ସହିତ ଭାରତୀୟ ଦଳ ମଧ୍ୟ ଆସନ୍ତା ବର୍ଷର ଏଫଆଇଏଚ୍‌ପ୍ରୋ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି । ପ୍ରଥମ ମ୍ୟାଚ୍‌ରେ ଆମେରିକାକୁ ପରାସ୍ତ କରିଥିବା ଭାରତୀୟ ଦଳ ପାଇଁ ମଙ୍ଗଳବାର ଅଧିନାୟିକା ସଲିମା ଟେଟେ ଓ ଲାଲରେମସିଆମି ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ । ଭାରତ ଦୁଇ ମ୍ୟାଚ୍‌ରୁ ୬ ପଏଂଟ୍ ସହ ସେମିଫାଇନାଲ୍ ପ୍ରବେଶକୁ ନିଶ୍ଚିତ କରିଛି । ୨ ମିନିଟ୍ ପରେ ଆଇ ହିମଙ୍ଗଳବାର ମ୍ୟାଚ୍‌ରେ ପ୍ରଥମ ଦୁଇ କ୍ୱାର୍ଟର ଗୋଲ୍ ଶୂନ୍ୟ ରହିଥିଲା । ୩୩ତମ ମିନିଟରେ ସଲିମା ଟେଟେ ଗୋଲ୍ ଦେଇଥିଲେ ମଧ୍ୟ ଜାପାନ ଏହାକୁ ତୁରନ୍ତ ଶୁଝାଇ ଦେଇଥିଲା ।ରାମିତସୁ (୩୫ତମ ମିନିଟ୍) ଏହି ଗୋଲଟି ଦେଇଥିଲେ । ଚତୁର୍ଥ କ୍ୱାର୍ଟର ପ୍ରଥମରୁ ସୁଶୀଳା ଚାନୁଙ୍କ ଚମତ୍କାର ପାସ୍‌ରୁ ଅଭିଜ୍ଞା ଲାଲରେମସିଆମି (୪୯ ମିନିଟ୍)ଙ୍କ ନିର୍ଣ୍ଣାୟକ ଗୋଲ ଭାରତକୁ ନିଶ୍ଚିତ କରିଥିଲା । ଜାପାନ ଶେଷ କ୍ୱାର୍ଟରରେ ଜୋରଦାର ଆକ୍ରମଣ କରିଥିଲେ ମଧ୍ୟ ଭାରତର ରକ୍ଷଣଭାଗ ଏହାକୁ ପଣ୍ଡ କରିଦେବାରେ ସକ୍ଷମ ହୋଇଥିଲା । ଭାରତ ନିଜ ଶେଷ ଗ୍ରୁପ୍ ମ୍ୟାଚ୍ ଜୁନ୍ ୧୮ ତାରିଖରେ ଉରୁଗୁଏ ବିପକ୍ଷରେ ଖେଳିବ । ଅନ୍ୟ ସେମିଫାଇନାଲ୍ ସ୍ଥାନ ପାଇଁ ଆମେରିକା ଓ ଜାପାନ ଲଢ଼େଇ କରିବେ ।



Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**